

ଯା ଦେବୀ ସର୍ବଭୂତେଷୁ......

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 JANUARY 2025 Vol.No. 36 ■ No.08 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



१८वां प्रवासी भारतीय दिवस
18th PRAVASI BHARATIYA DIVAS
8th-10th January 2025

विकसित भारत की संकल्पना में प्रवासी भारतीयों का योगदान
DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

# ବିଶ୍ୱ ମଞ୍ଚରେ ଉଦ୍ଭାସିତ ଯୁବ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ

## ଯୁବ ପ୍ରବାସୀ ଭାରତୀୟ ଦିବସ

ପୂର୍ବାହ୍ଣ ୧୦ ଘଟିକା | ୮ ଜାନୁଆରୀ, ୨୦୨୫
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

ଅତିଥି ଦେବୋ ଭବ



### ଶୁଭ ଉଦ୍‌ଘାଟନ

**ଶ୍ରୀ ମନସୁଖ ଏଲ. ମାଣ୍ଡବ୍ୟ**
ମାନ୍ୟବର କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ

**ଡ. ଏସ୍. ଜୟଶଙ୍କର**
ମାନ୍ୟବର କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ସମ୍ମାନନୀୟ ଅତିଥି

**ଡ. ଦେବ ପ୍ରଗଡ**
ମୁଖ୍ୟ ନିର୍ବାହୀ ଅଧିକାରୀ,
ନିଉଜଭିକ୍, ଯୁକ୍ତରାଷ୍ଟ୍ର ଆମେରିକା

### ଗରିମାମୟ ଉପସ୍ଥିତି

**ଶ୍ରୀ ପବିତ୍ର ମାର୍ଘେରିଟା**
ମାନ୍ୟବର କେନ୍ଦ୍ରୀୟ
ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

**ଶ୍ରୀମତୀ ରକ୍ଷା ନିଖିଲ ଖାଡ଼୍‌ସେ**
ମାନ୍ୟବର କେନ୍ଦ୍ରୀୟ
ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ



ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ଯୁବ ପ୍ରବାସୀଙ୍କ ଯୋଗଦାନ

**ପୂର୍ଣ୍ଣାଙ୍ଗ ଅଧିବେଶନ**

ଜଗତୀକରଣ-କାଳଖଣ୍ଡର ପ୍ରବାସୀ ଯୁବ ନେତୃତ୍ୱ

ଏବଂ

ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସଂଯୁକ୍ତ ବାଣିଜ୍ୟିକ ଅଧିବେଶନ

ଓଡ଼ିଶା ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଧିବେଶନ "ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ "

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR: 15001/13/0353/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ୩୦୦ ଫୁଟର ଜଳପ୍ରପାତ ଲୋକଲୋଚନକୁ ଆଣିଲା ମୟୂରଭଞ୍ଜ ମିରର ଟିମ



ବାରିପଦା, ୭/୧ (ନି.ପ୍ର): ଶିମିଳିପାଳ ଜାତୀୟ ଉଦ୍ୟାନ କାଳ କାଳ ଧରି ନିଜର ବିବିଧତା, ଜୀବଜଗତ ଓ ସବୁଜିମା ନିମନ୍ତେ ସମଗ୍ର ବିଶ୍ୱରେ ପରିଚିତ। ଶିମିଳିପାଳ ଭିତରେ ଆଜି ମଧ୍ୟ ଅନେକ ଅନାଲୋଚିତ ତଥ୍ୟ, ସ୍ଥାନ, ଜଳପ୍ରପାତ ଓ ଉପତ୍ୟକା ସବୁ ଅନାଲୋଚିତ ହୋଇରହିଛି। ଯାହାର ସୁନ୍ଦରତା ଅପରିସୀମ। ଦୀର୍ଘ ସାତ ବର୍ଷ ଧରି ନିଜର ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠା ବଳରେ ମୟୂରଭଞ୍ଜର ପର୍ଯ୍ୟଟନ ମାନଚିତ୍ରରେ ନୂଆ ନୂଆ ସ୍ଥାନ ଯୋଡୁଥିବା ମୟୂରଭଞ୍ଜ ମିରର ଟିମ ପୁଣି ଏକ ୩୦୦ ଫୁଟ ଉଚ୍ଚର ଅନାଲୋଚିତ ଜଳପ୍ରପାତକୁ ଲୋକଲୋଚନକୁ ଆଣିଛନ୍ତି। ଏହି ଜଳପ୍ରପାତଟିରେ ୧୬ଟି ସ୍ତର ରହିଥିବା ବେଳେ ଏହା ସବୁଜ ଗଛଲତାର ଆଢୁଆଳରେ ବହୁଥିବାରୁ ଆଜି ଯାଏଁ ଲୋକଲୋଚନକୁ ଆସିପାରି ନଥିଲା। ସାହାଡାଝରେ ଜଳପ୍ରପାତ ନାମରେ ପ୍ରକାଶିତ ଏହି ଜଳପ୍ରପାତଟି ଶିମିଳିପାଳର ଉତ୍ତର ପଶ୍ଚିମାଞ୍ଚଳ ବିଶୋଇ ଅଞ୍ଚଳରେ ରହିଥିବାର ପ୍ରକାଶ କରାଯାଇଛି। ଏହି ଜଳପ୍ରପାତର ଖୋଜରେ ମୟୂରଭଞ୍ଜ ମିରର ଟିମର କୁମାରେଶ ନାୟକ, ସ୍ୱରୂପ ସାମଲ, ଦିବ୍ୟଜ୍ୟୋତି ରଣା ଓ ପ୍ରଶାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

## ଉପଖଣ୍ଡ ଚିକିତ୍ସାଳୟରେ ସ୍ୱଚ୍ଛତା ଅଭିଯାନ

ଚମ୍ପୁଆ, ୭/୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଆଜି ମାନବ ପ୍ରେମୀ ସେବା ଟ୍ରଷ୍ଟ ଓ ଚିକିତ୍ସାଳୟର ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ପକ୍ଷରୁ ଚିକିତ୍ସାଳୟ ପରିସରରେ ରହିଥିବା ମଇଳା, ଆବର୍ଜନା, ଲଟା ବୁଦା ଇତ୍ୟାଦିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସଚେତନତା ବାର୍ତା ପ୍ରଦାନ କରାଯାଇଥିଲା। ଏଥିରେ ଚିକିତ୍ସାଳୟ କର୍ତୃପକ୍ଷ ଟ୍ରଷ୍ଟର ସଦସ୍ୟ, ସଦସ୍ୟା ମାନଙ୍କୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ଆଇନଜୀବୀ ସଞ୍ଜୟ କୁମାର ମହାନ୍ତ, ସିକ୍ତିସ୍ମିତା ମହାନ୍ତ, ଲିଲି ପାତ୍ର, ପ୍ରମିଳା ମୁଣ୍ଡା, ଅଞ୍ଜେଲିନା ମହାନ୍ତ, ସତ୍ୟଜିତ ମହାନ୍ତ, ବାବୁଲୁ ପାତ୍ର, ପର୍ଶୁରାମ ପାତ୍ର, ଶତ୍ରୁଘ୍ନ ପାତ୍ରଙ୍କ ସହ ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ଉମାକାନ୍ତ ସାହୁ, ସଂଯୋଜକ ୱାସିମ୍ ଅଖତର୍ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ଏହି କାର୍ଯ୍ୟକୁ ଚିକିତ୍ସାଳୟ କର୍ତୃପକ୍ଷ ଉଚ୍ଚ ପ୍ରଶଂସା କରିଥିବା ବେଳେ ଆଖପାଖ ଉପାନ୍ତ ଅଂଚଳରେ ଆଗାମୀ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରିବାକୁ ଚିକିତ୍ସାଳୟ ମୁଖ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

# ଚିଟଫଣ୍ଡରେ ଟଙ୍କା ବାନ୍ଧି ଫସିଲେ: ଏଗ୍ରିଗୋଲଡ କମ୍ପାନୀ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ

ଜୟପୁର, ୭/୧ (ନି.ପ୍ର): ଚିଟଫଣ୍ଡରେ କିସ୍ତି ଆକାରରେ ଟଙ୍କା ଜମା କଲେ ଜାଗା ଦିଆଯିବ ବୋଲି ଏଗ୍ରିଗୋଲଡ କମ୍ପାନୀ ଲକ୍ଷାଧିକ ଟଙ୍କା ଠକେଇ କରିନେଇଥିବା ନେଇ ଆଜି ବୋରିଗୁମ୍ମା ଅଂଚଳର ଗ୍ରାମବାସୀ ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏଗ୍ରିଗୋଲଡ କମ୍ପାନୀରେ କାର୍ଯ୍ୟରତ ପୁରୁଣା ବୋରିଗୁମ୍ମାର ଖିରମଣୀ ତନ୍ତିଙ୍କୁ ବିଶ୍ୱାସ କରି ସେହି ଗ୍ରାମର ଶତାଧିକ ମହିଳା ମାନେ ପ୍ରତିମାସରେ କିସ୍ତି ହିସାବରେ ୫ଶହ ଟଙ୍କା ଲେଖାଏଁ ଟଙ୍କା ଜମା କରୁଥିଲେ। ଅଳ୍ପ ସମୟରେ ଅଧିକ ଟଙ୍କା ମିଳିବ, ନିଜେ ଅଧିକ ଟଙ୍କାର ମାଲିକ ହୋଇପାରିବ ଏହି ଆଶା ଦେଖାଇ ଗୋଟିଏ ଗ୍ରାମର ୨ଶହରୁ ଉର୍ଦ୍ଧ ଲୋକଙ୍କ ଟଙ୍କା ଏଜେଣ୍ଟ ମାଧମରେ ଉଠାଇ ନିରିହ ଆଦିବାସୀଙ୍କୁ ଭୁଆଁ ବୁଲାଇଛନ୍ତି ଏହି ଏଗ୍ରି ଗୋଲଡ କମ୍ପାନୀ।ଗତ ୨୦୧୩ ମସିହା ଠାରୁ ଏହି କମ୍ପାନୀର ଜଣେ ଏଜେଂଟ ଖୀରମଣୀ ତନ୍ତି ଲୋକମାନଙ୍କୁ ଆପଣ ମାନେ ୩ବର୍ଷ ଟଙ୍କା ବାନ୍ଧନ୍ତୁ ଆପଣଙ୍କ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି ଆଶା ଦେଖାଇଥିଲେ। ଟଙ୍କା ଲୋଭରେ ଶତାଧିକ ମହିଳା ଓ ପୁରୁଷ ମାନେ ଖାତା ଖୋଲି ପ୍ରତି ମାସରେ ୫ଶହଟଙ୍କା ଲେଖାଏଁ ଜମା କରୁଥିଲେ। ଏହିପରି ଶତାଧିକ ମହିଳା ମାନେ ୩ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ୫ ଶହ ଟଙ୍କା ବାନ୍ଧିବାରେ ଲାଗିଲେ। ତିନି ବର୍ଷ ପୁରଣ ହେବା ପରେ ସେମାନେ ଯେତେବେଳେ ଟଙ୍କା ମାଗିବା ପାଇଁ ତନ୍ତିଙ୍କ ଘରକୁ ଗଲେ ସେ ଅଫିସ ଏଠାରୁ ଉଠିଯାଇଛି। ଖୁବଶିଘ୍ର ଟଙ୍କା ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ, ଦିନ ଦିନ ବିତିଯାଉଥିବା ବେଳେ ଆଜି ସୁଦ୍ଧା କାହାରି ଟଙ୍କା ନ ମିଳିବାରୁ ଆଜି ଶତାଧିକ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉକି, ଖୀରମଣୀ ତନ୍ତି ହେଉଛନ୍ତି ବିଗତ ଦିନରେ ଭିଜିଲାନ୍ସ ହାତରେ ଧରାପଡିଥିବା ଏଆରଆଇଙ୍କ ସ୍ତ୍ରୀ। ଯେତେବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏଆରଆଇଙ୍କ ଘର ଯାଂଚ୍ କରାଯାଇ ଟଙ୍କା ଉଦ୍ଧାର କରାଗଲା ସେତେ ବେଳେ ଗ୍ରାମର ମହିଳା ମାନେ ତାଙ୍କ ଟଙ୍କା ମିଳିଯିବ ବୋଲି ଆଶା ବାନ୍ଧି ତାଙ୍କ ଘରକୁ ଯାଇଥିଲେ। ଲୋକମାନେ ଏଗ୍ରିଗୋଲଡ କମ୍ପାନୀ ଏକ ପ୍ରାଇଭେଟ କମ୍ପାନୀ ଏବଂ ଏହା ବୁଡିଯିବାର ସମ୍ଭାବନା ଅଛି ବୋଲି ଏଜେଂଟଙ୍କୁ କହିବା ପରେ ଏଜେଂଟ କହିଥିଲେ ମୋତେ ବିଶ୍ୱାସ କରି ଟଙ୍କା ଜମାକର ଯଦି ତମର ଟଙ୍କା କମ୍ପାନୀ ପକ୍ଷରୁ ଫେରସ୍ତ ଦିଆନଯାଏ ତେବେ ଆଗାମୀ ଦିନରେ ମୁଁ ଘର ବିକ୍ରି କରି ଟଙ୍କା ଫେରସ୍ତ କରିବି ବୋଲି ପ୍ରତିଶୃତି ଦେଇଥିଲେ। ତେଣୁ ପୁରୁଣା ବୋରିଗୁମ୍ମାର ଗ୍ରାମବାସୀ ମାନେ ଭରସା କରି ଟଙ୍କା ବାନ୍ଧିଥିଲେ। ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଏନେଇ ଥାନାରେ ଏକ ଏତଲା ଦେବା ପାଇଁ କହିବା ପରେ ଶତାଧିକ ମହିଳାମାନେ ବୋରିଗୁମ୍ମା ଥାନାରେ ଏକ ଏତଲା ଦେଇଥିଲେ।

# ମୋବାଇଲ ଦୋକାନରୁ ଚୋରି ହୋଇଥିବା ମୋବାଇଲ ଉଦ୍ଧାର:୧ ଗିରଫ

ମୁଖୀଗୁଡା, ୭/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣାର ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ମୋବାଇଲକୁ ଜୟପାଟଣା ପୁଲିସ ଉଦ୍ଧାର କରିବା ସହ ଚୋରକୁ ଗିରଫ କରାଯାଇଛି ।ଜୟପାଟଣାସ୍ଥିତ ଜେକେ ମୋବାଇଲ ଦୋକାନରୁ ଗତ ଡିସେମ୍ବର ୩୧ ତାରିଖ ରାତିରେ କାନ୍ଥତାଡ଼ି ୧୮ ରୁ ଉର୍ଦ୍ଧ୍ୱ ଦାମି ମୋବାଇଲ ଚୋରି ହେବା ସମ୍ପର୍କରେ ଦୋକାନ ମାଲିକ ଜିତେନ୍ଦ୍ର ବେହେରା ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ମୁଖୀଗୁଡାର ପରମେଶ୍ୱର ବାଗ(୨୨)କୁ ଗିରଫ କରିବା ସହ ଚୋରି ହୋଇଥିବା ୧୮ ମୋବାଇଲରୁ ୧୫ଟି ଉଦ୍ଧାର କରିଛି । ଆଜି ପରମେଶ୍ୱରକୁ କୋର୍ଟ ଚାଲାଣ କରାଯାଇଛି।

# ୨୦୨୫ର ଭୋଟର ତାଲିକା ପ୍ରକାଶିତ: ୩୫୯୭୪ ନୂଆ ଭୋଟର

ପୁରୀ, ୭/୧ (ନି.ପ୍ର): ପୁରୀ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ପୂର୍ବାପେକ୍ଷା ବଢ଼ିଛନ୍ତି ୩୫୯୭୪ ଭୋଟର । ଏଥିରେ ୧୮ ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୨୦୬୪୨ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ । ଆଜି ପୂର୍ବାହ୍ନ ରେ ସର୍କିଟ ହାଉସ ଠାରେ ୨୦୨୫ ର ଭୋଟର ତାଲିକା ପ୍ରକାଶିତ ହୋଇଛି । ଏହାକୁ ପ୍ରକଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏକ ସୁଦୃଢ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ ସୁସ୍ଥ ଓ ସଠିକ ଭୋଟର ତାଲିକା ମଧ୍ୟ ସେତିକି ଜରୁରୀ ବୋଲି କହିଥିଲେ । ସମସ୍ତ ନୂତନ ଭୋଟର ମାନଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଥିଲେ । ପୂର୍ବରୁ ଜିଲ୍ଲାର ଭୋଟର ସଂଖ୍ୟା ୧୩୯୦୨୮୨ ଥିବା ବେଳେ ନୂତନ ଭୋଟର ତାଲିକାରେ ୧୪୨୬୨୫୬ ଭୋଟର ରହିଛନ୍ତି । ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭୩୦୨୮୫ ମହିଳା ଭୋଟରଙ୍କ ସଂଖ୍ୟା ୬୯୫୮୮୩ ଓ ଅନ୍ୟାନ୍ୟ ୮୮ ଜଣ ରହିଛନ୍ତି । କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ ଟି ବୁଥରେ ୨୪୬୪୯୬, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ ବୁଥରେ ୨୪୮୯୬୬, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୦ ବୁଥରେ ୨୪୪୭୯୧, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୧ ବୁଥରେ ୨୩୦୨୭୫, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ୨୫୪ ବୁଥରେ ୨୧୬୩୯୮ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୪ ଟି ବୁଥରେ ୨୩୯୩୩୦ ଜଣ ଭୋଟର ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ୯୮୬୦ ମୃତ, ସ୍ଥାନାନ୍ତର ଇତ୍ୟାଦି ଭୋଟରଙ୍କୁ ବାଦ ଦିଆଯାଇଛି । ଭୋଟର ତାଲିକାରେ ୨୦ ରୁ ୨୯ ବର୍ଷ ବୟସ୍କ ଙ୍କ ସଂଖ୍ୟା ୨୫୭୪୨୫, ୩୦ ରୁ ୩୯ ବର୍ଷର ୨୯୭୬୮୮, ୪୦ ରୁ ୪୯ ବର୍ଷର ୩୧୭୫୧୨, ୫୦ ରୁ ୫୯ ବର୍ଷର ୨୩୪୧୩୪, ୬୦ ରୁ ୬୯ ବର୍ଷର ୧୬୬୦୨୨, ୭୦ ରୁ ୭୯ ବର୍ଷର ୮୯୦୪୨, ୮୦ ରୁ ୮୯ ବର୍ଷର ୩୫୨୯୯, ୯୦ ରୁ ୯୯ ବର୍ଷର ୬୮୪୯ ଓ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୬୪୩ ଭୋଟର ରହିଛନ୍ତି ବୋଲି ଡେପୁଟି କଲେକ୍ଟର ନିର୍ବାଚନ ମନୀଷା ଷଡ଼ଙ୍ଗୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଉପ-ଜିଲ୍ଲାପାଳ ନୀଳମାଧବ ମାଝୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ ନିର୍ବାଚନ ବିଭାଗ କର୍ମଚାରୀମାନେ ଯୋଗ ଦେଇଥିଲେ।

## ୩୧ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବେ ପ୍ରବାସୀ ଭାରତୀୟ

ଭୁବନେଶ୍ୱର, ୭/୧ (ନି.ପ୍ର): ୩୧ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବେ ପ୍ରବାସୀ ଭାରତୀୟ। ସେମାନଙ୍କୁ ପର୍ଯ୍ୟଟନ ସ୍ଥଳୀ ବିଷୟରେ ବୁଝାଇବାକୁ ୩ ଭାଷାରେ ପ୍ରବୀଣ ଗାଇଡ ମାନଙ୍କୁ ସେମାନଙ୍କ ସହ ରଖାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି। ଯେଉଁ ଗାଇଡ ମାନେ ଆଜି ଯୋଗ ଦେଇଛନ୍ତି। ପ୍ରଥମ ଥର ଓଡ଼ିଆ ଘରେ ପ୍ରବାସୀ ଭାରତୀୟ ଅତିଥିଙ୍କୁ ରଖିବାକୁ ବ୍ୟବସ୍ଥା କରିଛୁ। ୨୮୦ ରେଜିଷ୍ଟ୍ରେସନ ପର୍ଯ୍ୟଟନ ବିଭାଗ ସହ ହୋଇଛି। ହୋମଷ୍ଟେ ପାଇଁ ଯେଉଁମାନେ ରେଜିଷ୍ଟ୍ରେସନ କରିଛନ୍ତି ପର୍ଯ୍ୟଟନ ବିଭାଗ ଦ୍ୱାରା, ସେମାନଙ୍କ ଓ ପ୍ରବାସୀଙ୍କ ମଧ୍ୟରେ ମିଡ଼ିଲ ମ୍ୟାନ ଭଳି କାମ କରିବ ବିଭାଗ। ପ୍ରବାସୀମାନେ ସେଠାରେ ଡିପୋଜିଟ କରିବେ ଓ ହୋମଷ୍ଟେ ରେ ରହିବେ। ପରିବାର ଭିତରେ ଯେହେତୁ ରହିବେ ସେମାନେ ଶତ ପ୍ରତିଶତ ସୁରକ୍ଷିତ ରହିବେ।

## ଏଚଏମପିଭି ଭୂତାଣୁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୭/୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ଦ୍ୱିତୀୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଏଚଏମପିଭି ଭୂତାଣୁ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ କହିଲେ, ଚୀନରେ କରୋନା ପରି ଲକ୍ଷଣ ଥିବା ଭୂତାଣୁ ଦ୍ରୁତ ଗତିରେ ବ୍ୟାପୁଛି ଏଣୁ ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ, ମାସ୍କ ପିନ୍ଧନ୍ତୁ, ବାହାରୁ ଆସିଲେ ସାବୁନରେ ହାତ ଧୁଅନ୍ତୁ, ଶରୀରକୁ ଦୁର୍ବଳ ହେବାକୁ ଦିଅନ୍ତୁ ନାହିଁ, ଠିକ୍ ସମୟରେ ଗରମପାଣି, ଖାଦ୍ୟ ଖାଆନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଧିକ ତୁଳସୀ ଖାଆନ୍ତୁ। ଆମ ଜିଲ୍ଲାରେ ଭୂତାଣୁ ସଂକ୍ରମଣ ଦେଖା ଯାଇନଥିଲେ ମଧ୍ୟ ପ୍ରାୟ ଏକ ପ୍ରତିଶତ ଲୋକଙ୍କୁ ଶୁଷ୍କ କାଶ, ନାସାସ୍ରାବ, ସ୍ୱର ଭଙ୍ଗ ହେବା ଦେଖାଯାଇଛି। ଖଟା କଫ କାରକ, ଗରିଷ୍ଠ ଭୋଜନ, ବାହାର ଖାଦ୍ୟ ଖାଆନ୍ତୁ ନାହିଁ। ଲକ୍ଷଣ ଦେଖାଗଲେ କଲକ୍ଷମରିଚ, ଯାଠିମଧୁ, ଅଦା, ପିପ୍ପଳୀ, ଲବଙ୍ଗ ଖାଆନ୍ତୁ।

# ଅଭିଶପ୍ତ ଜୀବନ ଜିଉଁଛନ୍ତି ବିସ୍ଥାପିତ : ଧାରଣାରେ ବସିଲେ ୫ ଯୁବକ

ଚମ୍ପୁଆ, ୭/୧ (ନି.ପ୍ର): କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇ ଅଭିଶପ୍ତ ଜୀବନ ଜିଉଁଛନ୍ତି ଚମ୍ପୁଆ ଉପଖଣ୍ଡର କିତାବେଡା, ଦେଓଝର ଓ ସିଆଳଯୋଡ଼ା ଗ୍ରାମବାସୀ। ୨୦୦୬ ମସିହାରେ ଜମି ଅଧିଗ୍ରହଣ ବେଳେ ଗ୍ରାମବାସୀଙ୍କୁ ମିଠା ମିଠା ପ୍ରତିଶୃତି ଦେଇଥିଲା କମ୍ପାନୀ, ଯାହାକୁ ଭରସା କରି କମ୍ପାନୀ ହାତକୁ ନିଜର ଭିଟା ମାଟି ଟେକି ଦେଇଥିଲେ ଲୋକେ। କିନ୍ତୁ କମ୍ପାନୀ କାରଖାନା କରିବାର ୧୮ ବର୍ଷ ପରେ ମଧ ନିଜ ସାଧାରଣ ମୌଳିକ ସୁବିଧା ଟିକେ ମଧ ନ ପାଇ ନିଜ ଭାଗ୍ୟକୁ ନିନ୍ଦୁଛନ୍ତି ଗ୍ରାମବାସୀ। ପରିସ୍ଥିତି ଏପରି ହୋଇଛି ଯେ, ଏବେ ବିସ୍ଥାପିତଙ୍କ ଦୁଃଖ ନା କମ୍ପାନୀ ଦେଖୁଛି ନା ପ୍ରଶାସନ। ବିସ୍ଥାପିତଙ୍କ ଆଖିର ଲୁହ ଆଖିରେ ଶୁଖୁଥିବା ବେଳେ ଗତ ଜାନୁଆରୀ ୩ ତାରିଖ ଦିନ ବିସ୍ଥାପିତଙ୍କ ସମସ୍ୟାକୁ ନେଇ ଚମ୍ପୁଆ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକ ହୋଇଥିଲେ ମଧ କୌଣସି ସମାଧାନ ହୋଇ ନ ପାରି ସବୁ ଫସର ଫାଟି ଯାଇଥିଲା। କମ୍ପାନୀ ପାଇଁ ଜମିବାଡ଼ି ଗଲା। ଜମି ଅଧିଗ୍ରହଣ ବେଳେ ଦେଇଥିବା ବିଭିନ୍ନ ପ୍ରତିଶୃତି ସହ ଗ୍ରାମର ବେକାର ଯୁବକ, ଯୁବତୀଙ୍କୁ ଚାକିରୀ ଦେବାକୁ ପ୍ରତିଶୃତି ଦେଇ ଏବେ କମ୍ପାନୀ ଧରା ଛୁଆଁ ଦେଉ ନାହିଁ। ଯାହାରି ପାଇଁ କମ୍ପାନୀ ବାହାରେ ଧାରଣାରେ ବସିଛନ୍ତି କିତାବେଡା ଗ୍ରାମର ୫ ଶିକ୍ଷିତ ଯୁବକ। ସୂଚନା ଯୋଗ୍ୟ କି, ୨୦୦୬ ମସିହାରେ ଚମ୍ପୁଆ ଉପଖଣ୍ଡର ଦେଓଝର ଠାରେ ଜିନ୍ଦଲ ଷ୍ଟିଲ ଏକ କାରଖାନା ପାଇଁ ଜମି ଅଧିଗ୍ରହଣ କରିଥିଲା। ଦେଓଝର ପଂଚାୟତର କିତାବେଡା, ସିଆଳଯୋଡ଼ା ଓ ଦେଓଝର ଗ୍ରାମର ଜନସାଧାରଣଙ୍କୁ ସେତେ ବେଳେ ମିଠା ମିଠା ପ୍ରତିଶୃତି ଦେଇ ଶାଗ ମାଛ ଦରରେ ତାଙ୍କ ଭିଟାମାଟି ନେବା ପରେ ଏବେ ପ୍ରତିଶୃତିରୁ ଓହରି ଯାଇ ଥିବାରୁ ଏବେ ଜମି ଦେଇ ସର୍ବହରା ହୋଇଛନ୍ତି ଏଠାକାର ବିସ୍ଥାପିତ। ଜମି ଅଧିଗ୍ରହଣ ବେଳେ ଦେଇଥିବା ପ୍ରତିଶୃତି ମଧ୍ୟରେ ବିସ୍ଥାପିତ ବେକାର ଯୁବକ, ଯୁବତୀଙ୍କୁ କମ୍ପାନୀରେ ନିଯୁକ୍ତି ସୁଯୋଗ, ବିସ୍ଥାପିତଙ୍କୁ ଜମି , ବିସ୍ଥାପିତଙ୍କ ପିଲାଛୁଆଙ୍କୁ ଉତମ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ବିସ୍ଥାପିତ କଲୋନୀର ମୌଳିକ ସୁବିଧା ଆଦି ପ୍ରତିଶ୍ରୁତିକୁ ଏବେ ଅଣଦେଖା କରି ଚାଲିଛି ଜେଏସପିଏଲ କମ୍ପାନୀ। ଜମି ଅଧିଗ୍ରହଣ ବେଳେ ଦେଇଥିବା ବିଭିନ୍ନ ପ୍ରତିଶୃତି ସହ ଗ୍ରାମର ବେକାର ଯୁବକଯୁବତୀଙ୍କୁ ଚାକିରୀ ଦେବାକୁ ପ୍ରତିଶୃତି ଦେଇ ଏବେ କମ୍ପାନୀ ଲୁଚକାଳୀ ଖେଳୁଥିବା ବେଳେ ପ୍ରତାରଣାର ଶିକାର ହୋଇଛନ୍ତି ଏହି ତିନି ଗ୍ରାମର ଯୁବକମାନେ। କମ୍ପାନୀର ଏହି ପ୍ରତାରଣା ପ୍ରତିବାଦରେ କିତାବେଡା ଗ୍ରାମର ତନୁଜ ଆପଟ, ଦେବର୍ଷି ପଲେଇ, ଅନୀଲ ବେହେରା, ସୁଧାଂଶୁ ବେହେରା, ତପନ ଆପଟ କମ୍ପାନୀ ବାହାରେ ଧାରଣା ଦେଇଥିବା ଜଣା ପଡିଛି। ଜମି ଅଧିଗ୍ରହଣ ପରେ ବିସ୍ଥାପିତ ଅନୁସାରେ କମ୍ପାନୀ ଏମାନଙ୍କୁ ଚାକିରି ଦେବାର ଭରସା ଦେଇ କମ୍ପାନୀରେ ଦୁଇ ବର୍ଷର ତାଲିମ ଦେବା ପରେ ଏବେ ଚାକିରି ଦେବାର ନାଁ ଧରୁ ନ ଥିବା ଅଭିଯୋଗ କରି ଏହି ୫ ଜଣ ଶିକ୍ଷିତ ଯୁବକ କମ୍ପାନୀ ବାହାରେ ଶୀତ କାକରରେ ଧାରଣାରେ ବସିଥିବା ଜଣାପଡିଛି। ତେବେ ଯୁବକ ମାନେ କମ୍ପାନୀ ତାଙ୍କ ହକ୍ ନ ଦେବା ଯାଏଁ ଏହି ଠାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ନିଷ୍ପତି ନେଇଥିବା ବେଳେ ଯାହାର ଭିଟାମାଟିରେ କମ୍ପାନୀ ତାର ପ୍ରଭାବ ବିସ୍ତାର କଲା ସେହି ମାଟିର ପିଲା ମାନଙ୍କୁ କି ପ୍ରକାରର ନ୍ୟାୟ ମିଳିବ ଦେଖିବାକୁ ବାକି ରହିଲା।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ସେଂଟ୍ରାଲ୍ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୭/୧ (ନି.ପ୍ର): ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପରିସରରେ ସେଂଟ୍ରାଲ୍ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ପରିଦର୍ଶନ କରି ଆଗାମୀ ପ୍ରବାସୀ ଭାରତୀୟ ଦିବସ (ପିବିଡି) ୨୦୨୫ ପ୍ରସ୍ତୁତିର ଏକ ସମୀକ୍ଷା କରିଥିଲେ। ଭୁବନେଶ୍ୱରର ସ୍ମାର୍ଟ ସିଟି ପରିସରରେ ଆଇସିସିସି ଏକ ଅତ୍ୟାଧୁନିକ ବ୍ୟବସ୍ଥା । ଏହା ସହରୀ ସେବା ଉପରେ ନଜର ରଖିବା ଏବଂ ପରିଚାଳନା କରିବା, ନିରବଚ୍ଛିନ୍ନ ସମନ୍ୱୟ ସୁନିଶ୍ଚିତ କରିବା ଏବଂ ପିବିଡି ପରି ବୃହତ କାର୍ଯ୍ୟକ୍ରମ ପାଇଁ ସହରର ପ୍ରସ୍ତୁତିକୁ ବିଶ୍ୱ ସ୍ତରରେ ପହଂଚାଇବାକୁ ସ୍ନାୟୁ କେନ୍ଦ୍ର ଭାବରେ କାର୍ଯ୍ୟ କରେ । ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଆଇସିସିସିର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ପିବିଡି ୨୦୨୫ ପାଇଁ ଏହାର ଉନ୍ନତ ବୈଷୟିକ ଦକ୍ଷତା ବ୍ୟବହାର କରିବାକୁ ରଣନୀତି ଉପରେ ଆଲୋଚନା କରିଥିଲେ । ଇଭେଂଟଗୁଡିକରେ ଅଂଶ ଗ୍ରହଣକାରୀ ଏବଂ ଅନ୍ତର୍ଭୁକ୍ତ କରିବା ପାଇଁ ଟ୍ରାଫିକ୍ ଏବଂ ମୋବିଲିଟି ମ୍ୟାନେଜମେଂଟ, ସୁରକ୍ଷା ଏବଂ ସର୍ଭିଲାନ୍ସ, ଇଭେଂଟ କୋଡିନେସନ୍, ସାଧାରଣ ଲୋକଙ୍କ ସହଯୋଗ ଭଳି ପ୍ରମୁଖ ଦିଗଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀମତୀ ପାଢ଼ୀ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଦକ୍ଷତା ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ।

# ଚିତାପାରୀ-୪ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ୬ ଜଣଙ୍କୁ କୋର୍ଟଚାଲାଣ କଲା ଓର୍କେଲ ପୁଲିସ

ମାଲକାନଗିରି, ୭/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା କୋରୁକୋଣ୍ଡା ବ୍ଲକ ପଟ୍ରେଲ ପଂଚାୟତ ଚିତାପାରୀ-୪ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ୬ ଜଣଙ୍କୁ କୋର୍ଟ ଚାଲାଣ କଲା ଓର୍କେଲ ପୁଲିସ। ମିଳିଥିବା ସୂଚନାନୁଯାୟୀ, ଚିତାପାରୀ-୪ ଗ୍ରାମରେ ପୂଜା ହେବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ଅନୁମତି ନିଆଯାଇଥିଲା ।ତେବେ ପୂଜାର ୨ୟ ଦିନରେ ପୂଜା ନାମରେ ଗ୍ରାମରେ ଗୁଣିଗାରେଡି ଚାଲିଛି ବୋଲି ଅନ୍ୟ ଅଂଚଳର କିଛି ଲୋକ ଅଭିଯୋଗ କରି ଥାନାକୁ ଖବର ଦେଇଥିଲେ। ଖବର ପାଇ ଓର୍କେଲ ଥାନା ଏସଆଇ ମନୋହର ସାହୁ, ଏଏସଆଇ ଅଜିତ ଟାକରି ଏବଂ ଏସଆଇ ମିନାକ୍ଷି ଦାସଙ୍କ ସମେତ ଏକ ଟିମ ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ ଏକ ଠାକୁରଙ୍କ ଖଟୁଲିରେ କିଛି ଲୋକ ଗ୍ରାମ ସାରା ସମସ୍ତଙ୍କ ଘର ବୁଲି ସୁଦୂର ଛତିଶଗଡ଼ ରାଜ୍ୟର ଜଗଦଳପୁର ଅଞ୍ଚଳର କିଛି ପୂଜାରୀଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଥିବା ଦେଖିଥିଲେ କ୍ଷତାଙ୍କ ଗ୍ରାମରେ ଗତ ବର୍ଷ ଲଗାତାର ଭାବେ ଗାଁର ଲୋକ ଏବଂ ପଶୁପକ୍ଷୀ ମରୁଥିବା ହେତୁ ଏହି ଖଟୁଲି ଯୋଗେ ପୂଜାର୍ଚ୍ଚନା କରି କିଏ ଏହି ଗ୍ରାମରେ ଗୁଣିକରି ମାରୁଛି ବୋଲି ସନ୍ଦେହ କରି ଗ୍ରାମର ୬୭ ବର୍ଷୀୟ ବୃଦ୍ଧା ବତୀ ଖିଲଙ୍କୁ ଚିହ୍ନଟ କରି ତାଙ୍କୁ ଡାହାଣୀର ଆଖ୍ୟା ଦେଇ ଗ୍ରାମରୁ ବିତାଡ଼ିତ କରୁଥିବା ପୁଲିସ ଦେଖିଥିଲେ। ଏହା ଦେଖି ପୋଲିସ ଘଟଣାସ୍ଥଳରୁ ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ୬ ଜଣ ପୂଜାରୀଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ତାଙ୍କ ନିକଟରୁ ବ୍ୟବହାର କରୁଥିବା ଖଟୁଲିକୁ ଜବତ କରିବା ସହ ସେମାନେ ଆସିଥିବା ଇନୋଭା କାରକୁ ଜବତ କରି ଥାନାକୁ ଅଣାଯାଇଥିଲା। ସେମାନଙ୍କ ନାମରେ କେସ ନଂ ୧୨/୨୫ ରେ ମାମଲା ରୁଜୁ କରି ଅନ୍ଧବିଶ୍ୱାସ ଓ କଳାଯାଦୁର ବିଭିନ୍ନ ଦଫା ଲଗାଇ ତାଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ୬ ଅଭିଯୁକ୍ତ ହେଲେ ଟିକେନ୍ଦ୍ର ଦେହାରି(୨୫), ଖିରେନ୍ଦ୍ର କୁମାର ନାଗ(୨୭), ରାମୁ ମାଣ୍ଡାଭି(୪୪), ଜଗନ୍ନାଥ ନାଗ(୨୨), କମୁଲୁରାମ ନାଗ(୨୩) ଏବଂ ମଙ୍ଗଟୁରାମ ବାଗେଲ(୪୦) ହୋଇଥିବା ବେଳେ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବସ୍ତର ଜିଲ୍ଲାର କଟଓ୍ୱାଲି ଥାନା ଏବଂ ଦରଭା ଥାନା ଅଂଚଳର ବୋଲି ଜଣାପଡିଛି । ଘଟଣାର ତଦନ୍ତ ଏସଆଇ ଅଜିତସିଂ ବରିହା କରୁଛନ୍ତି ବୋଲି ଥାନା ଅଧିକାରୀ ଧୀରେନ ପଟନାୟକ କହିଛନ୍ତି ।

# ଅନୁଷ୍ଠିତ ହେଲା ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ବାରିପଦା, ୭/୧ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ (ଭା. ପ୍ର.ସେ.) ସୋମବାର ଦିନ ସ୍ଥାନୀୟ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ (ଭା. ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ.,(ବ), ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ (ଓ.ପ୍ର.ସେ.), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଓ.ପ୍ର.ସେ.,(ବ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡାଃ ବିଜୟ କୁମାର ଦାଶ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦୀପକ କୁମାର ଗୋଛାୟତ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୧୭୪ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୧୫୨ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୨୨ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୩ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି।

ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ଶ୍ରୀ ସରୋଜ କୁଅଁର ବେହେରା ଓ ଶ୍ରୀମତୀ ସବିତା ବେହେରା, କୃଷ୍ଣରାଣୀ କାଳିଆ ଓ ବିକାଶ କୁମାର୍ ହାସୁରୀ, ରାମଚନ୍ଦ୍ର ମାର୍ଣ୍ଡି ଓ ସଲମା ଟୁଡୁଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦/- ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଗଜପତି ପଣ୍ଡାଙ୍କୁ ୫୦,୦୦୦/- ଟଙ୍କା। ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା ।

ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 JANUARY 2025
Vol.No. 36 ■ No.08 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୭/୧ (ନି.ପ୍ର): ନୂଆ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ଏନେଇ ଓଡ଼ିଶା ରାଜ୍ୟପାଳଙ୍କ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦିଆଯାଇ କୁହାଯାଇଛି ଯେ, ଆଜି ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଔପଚାରିକ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ଓଡ଼ିଶାର ବିକାଶ ଦିଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି ।

# ଫେବୃଆରୀ ୫ରେ ଦିଲ୍ଲୀ ଭୋଟ୍

ନୂଆଦିଲ୍ଲୀ, ୭/୧ : ଆସନ୍ତା ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସମସ୍ତ ୭୦ଟି ଯାକ ଆସନରେ ଗୋଟିଏ ପର୍ଯ୍ୟାୟରେ ରାଜଧାନୀବାସୀ ଭୋଟ କରିବେ। ଏହାପରେ ଅର୍ଥାତ ଫେବୃଆରୀ ୮ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଆଜି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ କରି ଏହି ଘୋଷଣା କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ନିର୍ବାଚନ ଆଚରଣ ବିଧି ମଧ୍ୟ ଲାଗୁ ହୋଇଛି। ଫେବୃଆରୀ ୫ରେ ଭୋଟିଂ ହେବାକୁ ଥିବା ବେଳେ ଏଥିପାଇଁ ୧୦ ଜାନୁଆରୀରେ ବିଜ୍ଞପ୍ତି ପ୍ରକାଶ




ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ୧୭ ଜାନୁଆରୀ ରହିଛି। ସେହିପରି ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ୨୦ ଜାନୁଆରୀ ରଖାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ ୫ ଫେବୃଆରୀରେ ଭୋଟିଂ ଓ ୮ ଫେବୃଆରୀରେ ରେଜଲ୍ଟ ପ୍ରକାଶ ପାଇବ। ପୂରା ନିର୍ବାଚନ ପ୍ରକ୍ରିୟା ୧୦ ଫେବୃଆରୀ ସୁଦ୍ଧା ଶେଷ ହେବ।

▶▶ପୃଷ୍ଠା ୭

# ଦିନକରେ ଏକକାଳୀନ ୧୪୮ଜଣ ଓଏଏସ୍ ଅଫିସରଙ୍କ ବଦଳି: ୬୯ ବ୍ଲକରେ ନୂଆ ବିଡିଓ

ଭୁବନେଶ୍ୱର, ୭/୧(ନି.ପ୍ର) : ରାଜ୍ୟ ସରକାର ଆଜି ଏକକାଳୀନ ୧୪୮ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ବଦଳି କରିଛନ୍ତି । ଏଥିରେ ୬୯ଟି ବ୍ଲକରେ ନୂଆ ବିଡିଓଙ୍କୁ ଅବସ୍ଥାପିତ କରିଥିବାବେଳେ ବହୁ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କର ମଧ୍ୟ ବଦଳି ହୋଇଛି । ଆଜି ମଙ୍ଗଳବାର ଏନେଇ ସାଧାରଣ ପ୍ରଶାସନ ବିଭାଗ, ପଂଚାୟତିରାଜ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତି ଜାରି ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ




ଜାରି ବିଜ୍ଞପ୍ତି ଅନୁସାରେ, ପୁରୀ ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ କୈଳାସ ଚନ୍ଦ୍ର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି ।

▶▶ପୃଷ୍ଠା ୭

## ଆଇସିୟୁରେ ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ, ୭/୧ : ଜନ ସୁରଜ ପାର୍ଟିର ପ୍ରତିଷ୍ଠାତା ତଥା ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଓରଫ ପିକେଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଛି। ଏଥିପାଇଁ ଆଜି ତାଙ୍କୁ ପାଟନାରେ ଥିବା ମେଦାନ୍ତ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି । ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପିକେ ଡିହାଇଡ୍ରେସନ ଓ ଗୋଟିଏ ସଂକ୍ରମଣରେ ପୀଡ଼ିତ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିକେଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିବା ଜଣେ ଡାକ୍ତର କହିଛନ୍ତି, "ପ୍ରଶାନ୍ତ କିଶୋର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଛନ୍ତି। ସେଗୁଡ଼ିକର ଭଲ ଭାବେ ଯାଞ୍ଚ ହେବା ଦରକାର। ସେ ବର୍ତ୍ତମାନ ସଂକ୍ରମଣ ଓ ଡିହାଇଡ୍ରେସନରେ ପଡ଼ିଛନ୍ତି। ସେ ପୂରା ଦୁର୍ବଳ ହୋଇଯାଇଛନ୍ତି। ତାଙ୍କ ଦେହ ଆଦୌ ଭଲ ନାହିଁ। ତାଙ୍କୁ ଆଇସିୟୁରେ ରଖାଯାଇଛି।" ହସ୍ପିଟାଲ ଯିବା ପୂର୍ବରୁ ସେ ସାମ୍ବାଦିକମାନଙ୍କୁ କହିଥିଲେ ଯେ "ମୁଁ ଆରମ୍ଭ କରିଥିବା ଆମରଣ ଅନଶନ ଜାରି ରହିବ।" ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍‌ସି)ରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହୋଇଛି। ଏହା ବିରୋଧରେ ହଜାର ହଜାର ଶିକ୍ଷାର୍ଥୀ ବିକ୍ଷୋଭ କରୁଛନ୍ତି। ସେମାନଙ୍କ ସମର୍ଥନରେ ପିକେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସେ ଆମରଣ ଅନଶନ କରୁଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଛି।

## ଟ୍ରକ୍ ଧକ୍କାରେ ପୁଅ ମୃତ: ବାପା,ମା' ଗୁରୁତର

ଗଞ୍ଜାମ, ୭/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅରୁଣପୁର ଗାଁ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଧକ୍କାରେ ଜଣେ ୯ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପାମା' ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ନାଁ ତ୍ରୟମ୍ବକମ ରାୟଗୁରୁ। ଆହତମାନେ ହେଲେ ମୋହନ ରାୟଗୁରୁ ଓ ତାଙ୍କ ପତ୍ନୀ ଗାୟତ୍ରୀ ରାୟଗୁରୁ। ମୃତାହତମାନେ କୃଷ୍ଣପ୍ରସାଦ ଥାନା ତିଛିଣୀ ଗ୍ରାମର ବାସିନ୍ଦା। ଆଜି ଏହି ତିନି ଜଣ ଏକ ମୋପେଡ୍ ବାଇକ୍‌ରେ ୟୁଡିଏସପୁରରୁ ତିଛିଣୀ ଅଭିମୁଖେ ଫେରୁଥିବା ବେଳେ ଅରୁଣପୁର ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଟ୍ରକ୍‌ଟି ରମ୍ଭା ଆଡୁ ଆସୁଥିଲା। ତ୍ରୟମ୍ବକମ୍ ଓ ତାଙ୍କ ବାପାମା'ଙ୍କୁ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତ୍ରୟମ୍ବକମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବାପାମା'ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଘଟଣା ଘଟିବା ପରେ ସିମେଣ୍ଟ ବୋଝେଇ ଟ୍ରକ୍ ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ରମ୍ଭା ଓ ହୁମ୍ମା ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

## ମହାଠକ ହଂସିତାଙ୍କ ଘରେ ପଶିଲା ଆୟକର ଟିମ୍: ୧୨ଟି ସ୍ଥାନରେ ରେଡ



ଭୁବନେଶ୍ୱର, ୭/୧(ନି.ପ୍ର) : ନର୍ଲାରୁ ଦିଲ୍ଲୀ ଓ ପରେ ଦିଲ୍ଲୀରୁ ଭୁବନେଶ୍ୱର ଯାଏ ଲମ୍ବିଥିଲା ମହାଠକେଇର ମାୟାଜାଲ । ଅତି ଚତୁରତାର ସହ କୋଟି କୋଟି ଟଙ୍କାର ଚୂନା ଲଗାଉଥିଲେ । ନିଜକୁ ପତି-ପତ୍ନୀର ପରିଚୟ ଦେବା ସହ ଚଳାଇଥିଲେ ସାଂଘାତିକ ରାକେଟ୍ ଓ ଠୁଳ କରିଥିଲେ କୋଟି କୋଟି ଟଙ୍କା। ରାଜଧାନୀର ଛାତି ଉପରେ ଅତି ଚତୁରତାର ସହ ଦୀର୍ଘ ଦିନ ହେଲା ରାକେଟ ଚଳାଇଥିବା ବଣ୍ଟି- ବବଲି ଯୋଡ଼ିଙ୍କୁ ବାନ୍ଧି ସାରିଛି ପୁଲିସ୍। ବିନା ଲୋନ୍‌ରେ ଦାମୀ କାର କିଣିବାକୁ ନେଇ ବିବାଦରେ ପଡ଼ିଥିଲେ ହଂସିତା ଅଭିଲିପ୍ସା ଓ ତାଙ୍କ ପାର୍ଟନର ଅନୀଲ ମହାନ୍ତି । ଆଜି ମହାଠକ ହଂସିତା ଅଭିଲିପ୍ସାଙ୍କ ଘର ସମେତ

▶▶ପୃଷ୍ଠା ୭

## ଆଜି ପ୍ରବାସୀ ଭାରତୀୟ ଦିବସ: ଉତ୍ସବ ମୁଖର ଭୁବନେଶ୍ୱର

ଭୁବନେଶ୍ୱର, ୭/୧(ନି.ପ୍ର) : ରାତି ପାହିଲେ ପ୍ରବାସୀ ଭାରତୀୟ ଦିବସ। ପ୍ରଥମ ଥର ପାଇଁ ଓଡ଼ିଶା କରୁଛି ଆୟୋଜନ । ସେଥିପାଇଁ ଉତ୍ସବମୁଖର ରାଜଧାନୀ ଭୁବନେଶ୍ୱର। ପ୍ରବାସୀଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ଜନତା ମୈଦାନ। ୭୦ରୁ ଅଧିକ ଦେଶରୁ ଆସିଛନ୍ତି ମୂଳ ଭାରତୀୟ ନାଗରିକ। ରାଜ୍ୟର ୭ଟି ସ୍ଥାନ ବୁଲିବେ ପ୍ରବାସୀ। ଯାଜପୁର, କଟକ, ଭୁବନେଶ୍ୱର ଏବଂ ପୁରୀର ୨୧ଟି ପର୍ଯ୍ୟଟନ ସ୍ଥଳୀ ବୁଲିବେ। ଆସନ୍ତାକାଲି ଯୁବ



ସମାବେଶରୁ ଆରମ୍ଭ ହେବ ଏହି ୩ ଦିନିଆ ସମ୍ମିଳନୀ। ଯାହାକୁ ସମ୍ବୋଧିତ କରିବେ ବୈଦେଶିକ ଓ ଯୁବ

▶▶ପୃଷ୍ଠା ୭

## ପ୍ରଦୀପ ପାଣିଗ୍ରାହୀଙ୍କୁ ଆଶ୍ୱସ୍ତି

ବ୍ରହ୍ମପୁର, ୭/୧ (ନି.ପ୍ର): ବହୁଚର୍ଚ୍ଚିତ ଟାଟା କଂପାନିରେ ଚାକିରି ନାମରେ ଠକେଇ ମାମଲାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଆଶ୍ୱସ୍ତି ମିଳିଛି। ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ସାଂସଦ ଶ୍ରୀ ପାଣିଗ୍ରାହୀଙ୍କୁ ୨ଟି ମାମଲାରେ ଆଶ୍ୱସ୍ତି ମିଳିଛି। ଏଥି ସହିତ ଅଭୟ ପାଠକ ଓ ତାଙ୍କର ପୁଅ ଆକାଶ ପାଠକଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ଆଜି କୋର୍ଟରୁ ଏହି ୩ ଜଣଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ଅନ୍ୟ ୩ଟି ମାମଲରେ ଆସନ୍ତାକାଲି ଶୁଣାଣି ହେବ। ଟାଟା ମୋଟର୍ସରେ ଚାକିରି କରେଇଦେବା ନାଁରେ ଠକେଇ ମାମଲାରୁ ପୂର୍ବରୁ ୫ ଜଣ ଏତଲାକାରୀ ଓହରି ଯାଇଛନ୍ତି। ସାଂସଦ ପ୍ରଦୀପ ପାଣିଗ୍ରାହୀ କୌଣସି ଟଙ୍କା ନେଇ ନଥିବା ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟରେ ୫ ଜଣ କହିଛନ୍ତି।

## ଜିଲ୍ଲାପାଳଙ୍କୁ ଦିଆଯାଇଛି ଟଙ୍କା, ୫ଦିନ ସୁଦ୍ଧା ଚାଷୀଙ୍କୁ ମିଳିବ କ୍ଷତିପୂରଣ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୭/୧(ନି.ପ୍ର) : ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆସନ୍ତା ୪-୫ଦିନ ମଧ୍ୟରେ କ୍ଷତିପୂରଣ ରାଶି ମିଳିବ । ଜିଲ୍ଲାପାଳମାନେ ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ୨୯୨.୫୯କୋଟି ଟଙ୍କା କ୍ଷତିପୂରଣ ରାଶି ମଞ୍ଜୁର କରିଛନ୍ତି । ଏହି କ୍ଷତିପୂରଣ ଟଙ୍କା ଜାନୁୟାରୀ ୩ତାରିଖରେ ଜିଲ୍ଲାପାଳମାନଙ୍କୁ ଅନଲାଇନରେ ଟ୍ରାନ୍ସଫର କରାଯାଇଛି । ସେମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ଡାଟାବେସ୍ ଦେଖି ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କ ସହଯୋଗରେ ରିଲିଫ କୋଡ୍ ଆଧାରରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବେ । ଆଜି ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ । ଚାଷୀଙ୍କୁ କ୍ଷତିପୂରଣ ଦେବାରେ କାହିଁକି ବିଳମ୍ବ ହେଉଛି ବୋଲି ବିରୋଧୀ ଦଳର ଦାବି ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପୂଜାରୀ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଚାଷୀଙ୍କୁ କ୍ଷତିପୂରଣ ଦେବା ପ୍ରକ୍ରିୟା ସରକାର ଆରମ୍ଭ କରିସାରିଛନ୍ତି । ଆସନ୍ତା ୪-୫ ଦିନ ଭିତରେ କ୍ଷତିଗ୍ରସ୍ତ ଚାଷୀଙ୍କୁ



ଏହି ସହାୟତା ରାଶି ବଂଟନ କାର୍ଯ୍ୟ ଶେଷ ହେବ । ଅଦିନିଆ ବର୍ଷାରେ ଫସଲ ୧୪ଟି ଜିଲ୍ଲାରେ ବ୍ୟାପକ ଓ ୨ଟି ଜିଲ୍ଲାରେ ଆଂଶିକ କ୍ଷତି ହୋଇଛି । ଜିଲ୍ଲାପାଳମାନେ ଡିସେମ୍ବର ୩୦ତାରିଖରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ ଓ ୨୯୨ କୋଟି ଟଙ୍କା ଫସଲ କ୍ଷୟକ୍ଷତି ହୋଇଛି ବୋଲି ଦର୍ଶାଇଥିଲେ। ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ସରକାର ଜାନୁୟାରୀ ୩ତାରିଖରେ ଅନଲାଇନରେ ଏହି ୨୯୨କୋଟି ଟଙ୍କାକୁ ଜିଲ୍ଲାକୁ ପଠାଇ ଦେଇସାରିଛନ୍ତି। ଏହି ଟଙ୍କା ଚାଷୀଙ୍କୁ ବଂଟନ ପ୍ରକ୍ରିୟା ଆରମ୍ଭ ହେଲାଣି । ୫ଦିନ ମଧ୍ୟରେ ରାଜସ୍ୱ ବିଭାଗର ଏହି କ୍ଷତିପୂରଣ ରାଶି ଚାଷୀଙ୍କ ପାଖରେ ପହଂଚିଯିବ । ରିଲିଫ କୋଡ୍ ଆଧାରରେ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୫ହଜାର ଟଙ୍କା ଓ ଅଣଜଳସେଚିତ ଜମି ବାବଦରେ ହେକ୍ଟର ପିଛା

▶▶ପୃଷ୍ଠା ୭

## ବାଇକ୍‌କୁ ଧକ୍କା ଦେବା ପରେ ଜଳିଗଲା ଟ୍ରକ୍

ମୟୂରଭଞ୍ଜ, ୭/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଜଗନ୍ନାଥଖୁଣ୍ଟା ହାଇସ୍କୁଲ ସମ୍ମୁଖରେ ୧୮ନଂ ଜାତୀୟ ରାଜପଥରେ ଏକ ବାଇକକୁ ଧକ୍କା ଦେବା ପରେ ଟ୍ରକ୍‌ଟିଏ ଜଳିଯାଇଛି। ବାଇକ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଟ୍ରକ୍ ଚାଳକଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ବାଇକଟି ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଉଥିବା ବେଳେ ଟ୍ରକ୍‌ଟି ଏହାକୁ ଧକ୍କା ଦେଇଥିଲେ। ଟ୍ରକ୍ ଧକ୍କା ଦେବା ପରେ ବାଇକ୍ ଚାଳକ ଛିଟିକି ପଡ଼ିଥିଲେ। ବାଇକ୍‌ଟି ଟ୍ରକ୍‌ରେ ଲାଗି ରହିଥିଲା। ଟ୍ରକ୍ କିଛି ବାଟ ପର୍ଯ୍ୟନ୍ତ ବାଇକ୍‌ଟିକୁ ଘୋଷାଡ଼ି ନେଇଥିଲା। ପରେ ବାଇକ୍‌ରେ ବିସ୍ଫୋରଣ ଘଟିଥିଲା। ବାଇକରେ ବିସ୍ଫୋରଣ ପରେ ଟ୍ରକ୍‌ରେ ଲାଗି ଯାଇଥିଲା ନିଆଁ। ଜାତୀୟ ରାଜପଥ କଡ଼ରେ ହୁ ହୁ ହୋଇ ଜଳିଯାଇଥିଲା ଟ୍ରକ୍।

## ବର୍ଷ ଆରମ୍ଭରୁ ଭୟଙ୍କର ଭୂକମ୍ପ: ୧୦୬ ଟପିଲାଣି ମୃତ୍ୟୁ ସଂଖ୍ୟା

ନୂଆଦିଲ୍ଲୀ, ୭/୧ : ହିମାଳୟ ନିକଟରେ ଭୟଙ୍କର ଭୂକମ୍ପ । ଆଜି ସକାଳୁ ନେପାଳ ଓ ତିବ୍ବତ ସୀମାରେ ଭୟଙ୍କର ଭୂମିକମ୍ପ ଝଟ୍‌କାରେ ଯାଇଛି ଶତାଧିକ ଜୀବନ । ଏହି ଭୂମିକମ୍ପ ଏତେ ଭୟଙ୍କର ଥିଲା ଯେ, ଯାହାର ପ୍ରଭାବ ଭାରତର ୩ ରାଜ୍ୟରେ ପଡିଥିଲା । ହିମାଳୟ ନିକଟ



ନେପାଳ, ତିବ୍ବତ, ଆସାମ ଓ ବିହାରରେ ଭୟଙ୍କର ଭୂମିକମ୍ପର ତାଣ୍ଡବ । ଆଜି ସକାଳୁ ନେପାଳ ଓ ତିବ୍ବତ ସୀମାରେ ଭୟଙ୍କର ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ଯେଉଁଥିରେ ବ୍ୟାପକ କ୍ଷୟକ୍ଷତି ସହ ଜୀବନହାନୀ ଘଟିଛି ।

▶▶ପୃଷ୍ଠା ୭

## ଓୟୁଜେ ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚନ
### ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା ଆଣି ଦିଏ : ଉପ ମୁଖ୍ୟସଚେତକ



ବାଲେଶ୍ୱର, ୭/୧(ନି.ପ୍ର) : ଦୃଢ଼ ଆତ୍ମ ବିଶ୍ୱାସ, ସେବା ଓ ତ୍ୟାଗ ମନୋଭାବ ନେଇ ସମାଜର ଯେ କୌଣସି କାର୍ଯ୍ୟ ଅନାୟସରେ କରାଯାଇ ପାରିବ ସେଥିପାଇଁ ଅର୍ଥ ପ୍ରତିବନ୍ଧକ ହେବା ପରିବର୍ତ୍ତେ ମହତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାରେ ପୂର୍ଣ୍ଣ ସହାୟକ ହୋଇଥାଏ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ନବବର୍ଷ କ୍ୟାଲେଣ୍ଡର କୁ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନ୍ୟ ବିଶିଷ୍ଟ ଅତିଥି ମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ କହିଲେ ଯେ, ସମାଜର ପରିସୀମା ଅସୀମ। ଆମେ କ୍ଷୁଦ୍ରାତି କ୍ଷୁଦ୍ର ଜୀବ ମଣିଷ ହୋଇଥିବା ବେଳେ ବହୁ ଜ୍ଞାନ ଓ ଚିନ୍ତା ଚେତନାର ଅଧିକାରୀ ହୋଇଥିବାରୁ ସମାଜ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ସେହି କର୍ତ୍ତବ୍ୟକୁ ସୁଚାରୁ ରୂପେ କରିବାକୁ ଯେଉଁ ମାନେ ଉଦ୍ୟମ କରୁଛନ୍ତି ସେମାନେ ସଫଳ ହେବେହିଁ ହେବେ। ତେଣୁ ସମାଜର ସର୍ବାଙ୍ଗୀନ ହିତ ପାଇଁ ଯିଏ ଯେଉଁ କ୍ଷେତ୍ର ରେ ଅଛନ୍ତି ସମସ୍ତେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଓୟୁଜେ ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ୟାଲେଣ୍ଡର ଉନ୍ମୋଚନ କାର୍ଯ୍ୟକ୍ରମରେ ଧ୍ୱନୀ ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା,

▶▶ପୃଷ୍ଠା ୭

## କାନ୍ଥରୁ ହଜିଯିବ ବିଜୁ ପକ୍କାଘର ଲୋଗୋ: ଗରିବଙ୍କ ପାଇଁ ଆସିବ ନୂଆ ପକ୍କାଘର ଯୋଜନା

ଭୁବନେଶ୍ୱର, ୭/୧(ନି.ପ୍ର) : ଖୁବଶୀଘ୍ର ବଦଳିଯିବ ବିଜୁ ପକ୍କା ଘର ଯୋଜନାର ନାଁ । ଏହା ବଦଳରେ ସରକାର ଆରମ୍ଭ କରିବାକୁ ଯାଉଛନ୍ତି 'ଅନ୍ତ୍ୟୋଦୟ ଗୃହ ଯୋଜନା' । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । କେବଳ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବାକି ଅଛି । 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇଛି । ପ୍ରତ୍ୟେକ ଗରିବଙ୍କୁ ଘର ଦେବାକୁ ୨୦୧୪-୧୫ରେ ଆରମ୍ଭ ହୋଇଥିଲା ବିଜୁ ପକ୍କାଘର ଯୋଜନା। ଲକ୍ଷ୍ୟ ଥିଲା ପ୍ରତ୍ୟେକ ଗରିବଙ୍କ ମୁଣ୍ଡରେ ଛାତ ଘରଟିଏ ଦେବା । ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ବି ହୋଇଥିଲା । ଏହାକୁ ଫ୍ଲାଗସିପ୍ କାର୍ଯ୍ୟକ୍ରମ




ଭାବେ ବେଶ ପ୍ରଚାର ପ୍ରସାର କରିଥିଲେ ତତକାଳୀନ ନବୀନ ସରକାର। କିନ୍ତୁ ଟାର୍ଗେଟ ପୂରଣ କରିପାରିନଥିଲା ଏହି ଯୋଜନା । ଏବେ ନୂଆ ସରକାର ଆସିବା ପରେ ବିଜୁ ପକ୍କାଘର ଯୋଜନାର ନାଁ ବଦଳାଇବାକୁ ଯାଉଛନ୍ତି। ବିଜୁ ପକ୍କା ଘର ବଦଳରେ ଆରମ୍ଭ ହେବ 'ଅନ୍ତ୍ୟୋଦୟ

▶▶ପୃଷ୍ଠା ୭

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୮ ଜାନୁଆରୀ ୨୦୨୫, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଳ ବଦଳରେ ଜୀବନ...

ନଳକୂପ(ବୋରୱେଲ୍) ଯୋଗୁଁ ଅଜାଣତରେ ଘଟିଥିବା ଅନେକ ଅପ୍ରୀତିକର ଘଟଣା ପରିବାର, ସମାଜକୁ ଆଜୀବନ ଅସହ୍ୟ ଯନ୍ତ୍ରଣା ଦେଇଥାଏ। ପିଲାମାନେ ନଳକୂପ ଭିତରକୁ ପଡ଼ିବା ଖବର ଯେତିକି ଚିନ୍ତାଜନକ ସେତିକି ଲଜ୍ଜାଜନକ। ନିକଟରେ ରାଜସ୍ଥାନର କୋଟପୁଟଲିରେ ୭୦୦ ଫୁଟ ଗଭୀର ଗାତରେ ଫସି ରହିଥିବା ୩ ବର୍ଷର ଚେତନାଙ୍କୁ ୧୦ ଦିନ ପରେ ଉଦ୍ଧାର କରାଯିବା ପରେ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ଗତ ଡିସେମ୍ବର ୯ ତାରିଖରେ ରାଜସ୍ଥାନର ଦୌସା ଜିଲ୍ଲାର କାଲିଖାଡ଼ ଗାଁରେ ୫ ବର୍ଷର ଆର୍ଯ୍ୟନଙ୍କ ସହ ସମାନ ଘଟଣା ଘଟିଥିଲା। ୫୬ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଉଦ୍ଧାର କାର୍ଯ୍ୟ ପରେ ସେ ଜୀବିତ ନଥିଲେ। ବାସ୍ତବରେ ଦେଶର ବିଭିନ୍ନ ସ୍ଥାନରେ ଖୋଲା ନଳକୂପ ନିରୀହ ଶିଶୁଙ୍କ ପାଇଁ କାଳ ପାଲଟିଛି। ଗତ କିଛିବର୍ଷ ମଧ୍ୟରେ ନଳକୂପରେ ପଡ଼ି ଶହ ଶହ ଶିଶୁପ୍ରାଣ ହରାଇଥିଲେ ମଧ୍ୟ ଏଭଳି ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାରେ ସଫଳତା ମିଳୁନାହିଁ। ନା ଲୋକମାନେ ଏଭଳି ଦୁର୍ଘଟଣା ନେଇ ସତର୍କ ହେବାକୁ ପ୍ରସ୍ତୁତ ନା ପ୍ରଶାସନର ନିଦ ଭାଙ୍ଗୁଛି। ଏଭଳି ଘଟଣାରେ ବହୁତ କମ୍ ପିଲା କିମ୍ବା ଲୋକ ନିଜ ଜୀବନ ଫେରିପାଆନ୍ତି। ଏନ୍‌ଡିଆରଏଫ୍‌ର ଏକ ରିପୋର୍ଟ ଅନୁଯାୟୀ, ନଳକୂପ ବ୍ୟବହାର କ୍ଷେତ୍ରରେ ଭାରତ ବିଶ୍ୱର ଏକନମ୍ବର ସ୍ଥାନରେ ରହିଛି ଏବଂ ଗତ କିଛି ବର୍ଷ ମଧ୍ୟରେ ନଳକୂପରେ ପଡ଼ିଯାଇଥିବା ଶିଶୁଙ୍କ ଉଦ୍ଧାର କାର୍ଯ୍ୟର ୭୦ ପ୍ରତିଶତ ବିଫଳ ହୋଇଛି ବା ସେମାନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇପାରିନାହିଁ। ଏଭଳି ଦୁର୍ଘଟଣାର ଶିକାର ହେଉଥିବା ପୀଡ଼ିତମାନଙ୍କ ମଧ୍ୟରୁ ୯୨ ପ୍ରତିଶତ ୧୦ ବର୍ଷରୁ କମ୍ ବୟସର ଶିଶୁ। ଏନ୍‌ଡିଆରଏଫ୍‌ର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ନଳକୂପର ଜଳ ସହରାଞ୍ଚଳ ଏବଂ ଶିଳ୍ପ ଆବଶ୍ୟକତାର ପାଖାପାଖି ୫୦ ପ୍ରତିଶତ ପୂରଣ କରିଥାଏ। ଏହା କୃଷି ଆବଶ୍ୟକତାର ପ୍ରାୟ ୫୫ ପ୍ରତିଶତ ପୂରଣ କରିଥାଏ। ୮୦ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳବାସୀ ସେମାନଙ୍କ ଜଳ ଆବଶ୍ୟକତା ପାଇଁ ନଳକୂପ ଉପରେ ନିର୍ଭର କରନ୍ତି। ସେହିପରି ଭୂତଳ ଜଳ ବିଭାଗର ଆକଳନ ଅନୁଯାୟୀ, ସମଗ୍ର ଦେଶରେ ପ୍ରାୟ ୨.୭ କୋଟି ନଳକୂପ ଅଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ କେତେ ସଚଳ ତାହାର ତଥ୍ୟ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ତାଗିଦ୍, ଆଇନଗତ ସଂଶୋଧନ ଓ କଟକଣା ସତ୍ତ୍ୱେ ଏଭଳି ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ଗମ୍ଭୀରତା ପ୍ରକାଶ ନ ପାଇବା କ୍ଷୋଭର ବିଷୟ। ନଳକୂପ ଖନନ ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଅନେକ ନିର୍ଦ୍ଦେଶନାମା ରହିଛି। ଏ ସଂକ୍ରାନ୍ତରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆଇନ ପାଳନ ସୁନିଶ୍ଚିତ କରିବା ଜିଲ୍ଲାପାଳଙ୍କ ଦାୟିତ୍ୱ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍ ଏଚ୍ କାପାଡିଆ, ଜଷ୍ଟିସ୍ ରାଧାକ୍ରିଷ୍ଣନ୍ ଓ ଜଷ୍ଟିସ୍ ସ୍ୱାଧୀନ କୁମାରଙ୍କୁ ନେଇ ଗଠିତ ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ୨୦୧୦ ଅଗଷ୍ଟ ୬ ତାରିଖରେ ଶିଶୁମାନଙ୍କୁ ନଳକୂପ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ଏକ ଆବେଦନର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଆଜିପର୍ଯ୍ୟନ୍ତ ତାହାର ସଠିକ ରୂପାୟନ ସୁନିଶ୍ଚିତ ହୋଇପାରିନାହିଁ। ନଳକୂପ ଖନନ ପାଇଁ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଖନନ ପୂର୍ବରୁ ଜିଲ୍ଲାପାଳ କିମ୍ବା ଗ୍ରାମ ପଞ୍ଚାୟତକୁ ଲିଖିତ ସୂଚନା ଦେବାକୁ ପଡ଼ିବ। ଖନନ କରୁଥିବା ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥା କିମ୍ବା ଠିକାଦାରଙ୍କ ପଞ୍ଜୀକରଣ ହେବା ଦରକାର। ଖନନର ଅତିକମରେ ୧୫ ଦିନ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ୍, ଭୂତଳ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମକୁ ସୂଚନା ଦେବା ବାଧ୍ୟତାମୂଳକ। ଖନନ କରାଯାଇଥିବା ସ୍ଥାନରେ ଏକ ସଚେତନ ଫଳକ ରଖାଯିବ। ଖନନ ସ୍ଥଳର ଚାରିପଟେ କଣ୍ଟାତାର ବାଡ଼ ଲଗାଯିବ। ବାଡ଼ ପାଇପ୍ ଚାରିପଟେ ୦.୩ ମିଟର ଉଚ୍ଚ ସିମେଣ୍ଟ କିମ୍ବା କଂକ୍ରିଟ୍‌ର ପ୍ଲାଟଫର୍ମ ନିର୍ମାଣ କରାଯିବ। ନଳକୂପ ଖନନ ଶେଷ ହେବା ପରେ ଖୋଲା ଯାଇଥିବା ଗାତ ଓ ଜଳ ପଥକୁ ସମତଳ କରାଯିବ। ଯଦି ଖନନ ଅସମ୍ପୂର୍ଣ୍ଣ ରହେ, ତେବେ ଭୂପୃଷ୍ଠରେ ମାଟି, ବାଲି, ବଜୁରୀ, ଗୋଡ଼ିରେ ଭର୍ତ୍ତି କରାଯିବ। ଏହି ନିର୍ଦ୍ଦେଶନାମାକୁ କେଉଁଠି ବି ପାଳନ କରାଯାଉଥିବା ଦେଖାଯାଉନାହିଁ।

# ସାତ ମାସରେ ମୋହନ ସରକାର



**ସୌମେନ୍ଦ୍ର ଜେନା**

ଜାନୁଆରୀ ଦ୍ୱିତୀୟ ସପ୍ତାହକୁ ରାଜ୍ୟର ମୋହନ ଚରଣ ମାଝୀଙ୍କ ସରକାରକୁ ସାତମାସ ପୂରିବ । ଦୀର୍ଘ ଅଢେଇ ଦଶନ୍ଧିର ନବୀନ ସରକାରକୁ ଶାସନରୁ ହଟାଇ ରାଜ୍ୟରେ କ୍ଷମତାସୀନ ହୋଇଥିବା ଏହି ସରକାର କେତେଦୂର ସଫଳ ଓ ବିଫଳ ହୋଇଛନ୍ତି, ତାହା ଯଦିଓ ଏହି କମ୍ ସମୟରେ ଆକଳନ କରାଯାଇପାରିବ ନାହିଁ,ତଥାପି ଆଗାମୀ ସାଢେ ଚାରିବର୍ଷରୁ କମ୍ ରହିବାକୁ ଥିବା ସରକାର ପାଇଁ କି କି ସମ୍ଭାବନା ଓ ସମସ୍ୟା ଆସିପାରେ ତାହାର କିଛିଟା ଝଲକ ପାଇ ହେବ ।

ରାଜ୍ୟ ସରକାର ନିର୍ବାଚନ ବେଳେ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ ତଦନୁସାରେ ଶ୍ରୀ ମନ୍ଦିରର ଚାରିଦ୍ୱାର ଫିଟା, ରତ୍ନଭଣ୍ଡାରର ସୁରକ୍ଷା, ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ସୁବିଧା ପ୍ରଦାନ, ଖାଲି ପଡିଥିବା ପଦଗୁଡିକୁ ପୂରଣ କରିବାକୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ, ଲୋକସେବା ଭବନକୁ ପୁନର୍ବାର ସାମ୍ବାଦିକମାନଙ୍କ ପ୍ରବେଶ ପାଇଁ ଖୋଲିବା, ଗୃହରକ୍ଷୀମାନଙ୍କୁ ସ୍ଥାୟୀ କରିବା ପରି ଭଲକାର୍ଯ୍ୟଗୁଡିକ କରିଛନ୍ତି । ଏହାଛଡା ଠିକଣା ଢଙ୍ଗରେ ନୂତନ ଶିକ୍ଷାନୀତିକୁ ଲାଗୁକରିବା, ମେଟ୍ରୋ ରେଳ ଚଳାଚଳ ପାଇଁ ନିର୍ମାଣ ଆରମ୍ଭ, ରାଜ୍ୟକୁ ଅଧିକ ରେଳ ଚଳାଚଳ, ଆୟୁଷ୍ମାନ କାର୍ଡ ପ୍ରଚଳନ ନିଷ୍ପତ୍ତି ପରି କେତେକ ଭଲ ପଦକ୍ଷେପ ମଧ୍ୟ ନେଇଛନ୍ତି । ଦୀର୍ଘଦିନ ଧରି ବନ୍ଦ ପଡିଥିବା ପ୍ରକଳ୍ପଗୁଡିକୁ ଆଗକୁ ନେବାପାଇଁ ପ୍ରୟାସ, କେନ୍ଦୁଝର ଜିଲ୍ଲାରେ ଲୁହା କାରଖାନା ସ୍ଥାପନ, ଅଧିକ ବନ୍ଦର ନିର୍ମାଣ, ପାଣିଜାହାଜ ମରାମତି କାରଖାନା ସ୍ଥାପନ ପରି ସାହସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ ଓଡିଶାରେ କରିବା, ଯାଜପୁର ଜିଲ୍ଲାରେ ବୌଦ୍ଧ କୀର୍ତ୍ତି କରିଡର ନିର୍ମାଣ ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣପୂର୍ବକ ବିଶ୍ୱ ବୌଦ୍ଧ ସମ୍ମିଳନୀ ପାଇଁ ଅନୁମତି ପ୍ରଦାନ, ଧନୁଯାତ୍ରା ପାଇଁ ବାର୍ଷିକ ଅନୁଦାନ ୧୦ଲକ୍ଷରୁ ୧କୋଟିକୁ ବୃଦ୍ଧି କରିବା ପରି ସାଂସ୍କୃତିକ ଦୃଷ୍ଟିରୁ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି । ଏପରିକି ଆଗାମୀ ଦିନରେ ପ୍ରାଚୀନ ନାଳନ୍ଦା ବିହାରର ପୁନରୁତ୍ଥାନ ପାଇଁ ନାଳନ୍ଦା ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯିବା ପରି ଯାଜପୁରଠାରେ ପ୍ରାଚୀନ ପୁଷ୍ପଗିରି ବିହାରର ପୁନଃ ନିର୍ମାଣ ପାଇଁ ସରକାର ଚିନ୍ତା କରିବା ଏକ ଭଲ ବିଷୟ ନିଶ୍ଚୟ । ଯଦି ଏହା ସାକାର ହୁଏ ତେବେ ଯାଜପୁର ଜିଲ୍ଲା ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇବା ସହ ପର୍ଯ୍ୟଟନ ଏବଂ ଶିକ୍ଷାକ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ହେବ । କାରଣ ପ୍ରାଚୀନ ନାଳନ୍ଦାର କୁଳାଧିପତି ଶାନ୍ତିରକ୍ଷିତ ଏବଂ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ରାଜ୍ୟ ଓଡିଶା ବୌଦ୍ଧ ପରମ୍ପରା ମଧ୍ୟରେ ଭିନ୍ନ ଏକ ସୋପାନକୁ ଉଠିବ । ଯାଜପୁର ଜିଲ୍ଲାର ପୁଷ୍ପଗିରି ବିହାର (ରତ୍ନଗିରି, ଲଳିତଗିରି ଉଦୟଗିରି) ଠାରୁ ପାରାଦ୍ୱୀପର ସାମୁଦ୍ରିକ ପଥ ବେଶୀ ଦୂର ନୁହେଁ। କେନ୍ଦ୍ର ସରକାର ଅନୁମତି ଦେଲେ ପାରାଦ୍ୱୀପକୁ ଅନ୍ୟଦେଶରୁ ଯାତ୍ରୀବାହୀ ପାଣିଜାହାଜ ଚଳାଚଳ କରିପାରିବ । ଅଳ୍ପ ଖର୍ଚ୍ଚରେ ମ୍ୟାନମାର, ଭିଏତନାମ, ଥାଇଲାଣ୍ଡ, ଇଣ୍ଡୋନେସିଆ ଲୋକେ ସଡକପଥରେ ମ୍ୟାନମାର ବନ୍ଦରକୁ ଆସି ସେଠାରୁ ପାରାଦ୍ୱୀପକୁ ଆସିପାରିବେ । ଯାଜପୁର ଜିଲ୍ଲାକୁ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ପାଇଁ ମାର୍ଗ ଉନ୍ମୁକ୍ତ ହେବା ସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବ । ରାଜ୍ୟ ସରକାର ବିହାର ସରକାରଙ୍କ ବୋଧଗୟାକୁ ନବନିର୍ମାଣ ପୂର୍ବକ ବୋଧଗୟା- ରାଜଗିର-ନାଳନ୍ଦା ବୌଦ୍ଧ କରିଡର ଭାବେ ନିର୍ମାଣ କଲାପରି ଯାଜପୁରର ପୁଷ୍ପଗିରି ସମେତ ଅନ୍ୟାନ୍ୟ ବୌଦ୍ଧକୀର୍ତ୍ତିର ବିକାଶ କରିପାରିଲେ ଓଡିଶାରେ ଏକ ସମୃଦ୍ଧ ବୌଦ୍ଧ କରିଡର ନିର୍ମାଣ ସମ୍ଭବ ହେବ । ଯଦ୍ୱାରା ପୂର୍ବ ଏସିଆର ବୌଦ୍ଧ ପର୍ଯ୍ୟଟକଗଣ ଅତୀତରେ ହୁଏନ୍‌ସାଂ ଓଡିଶା ଭ୍ରମଣ କଲାପରି ରାଜ୍ୟକୁ ବହୁସଂଖ୍ୟାରେ ଆସିବେ । ବିହାର ସରକାର ବୋଧଗୟାଠାରେ ଭିନ୍ନ ଭିନ୍ନ ବୌଦ୍ଧରାଷ୍ଟ୍ରଗୁଡିକୁ ନିଜର ମନ୍ଦିର ବା ମୋନାଷ୍ଟେରୀ ନିର୍ମାଣ ପାଇଁ ଅନୁମତି ଦେଇ ଯେପରି ସହରର ବିକାଶରେ ବିଦେଶୀ ପୁଞ୍ଜିନିବେଶ ପାଇଁ ବାଟ ଫିଟାଇଛନ୍ତି ଠିକ୍ ସେମିତି ରାଜ୍ୟ ସରକାର ଯାଜପୁର ଜିଲ୍ଲାରେ ବୌଦ୍ଧ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଲେ ଏକ ଆନ୍ତର୍ଜାତିକସ୍ତରର ସହର ପୁଷ୍ପଗିରିକୁ କେନ୍ଦ୍ର କରି ମୁଣ୍ଡ ଟେକିବା ସହ ପାଖାପାଖି ୨୦ଟି ଦେଶ ନିଜ ମନ୍ଦିର ନିର୍ମାଣ ପାଇଁ ଆଗେଇ ଆସିବେ। ଯାହାଫଳରେ ବୌଦ୍ଧ ଧର୍ମଗୁରୁ ଏବଂ ଧର୍ମାବଲମ୍ବୀ ପର୍ଯ୍ୟଟକଙ୍କ ପାଇଁ ରହିବାର ସୁବିଧା ହେବା ଯୋଗୁ ବର୍ଷ ତମାମ୍ ହଜାର ହଜାର ଲୋକେ ପୁରୀକୁ ଆସିଲାପରି ସେଠାକୁ ମଧ୍ୟ ଆସିବେ । ଏହି ସୁଯୋଗରେ ସେଠାରେ ହୋଟେଲ ଶିଳ୍ପ ମଧ୍ୟ ମୁଣ୍ଡ ଟେକିବ। ପୁରୀ ତୁଳନାରେ ଯାଜପୁରରେ ଜମିର ପରିମାଣ ନିର୍ମାଣ ପାଇଁ ଅଧିକ ରହିଥିବା ହେତୁ ଆଗାମୀ ଦିନରେ ବିମାନବନ୍ଦର ମଧ୍ୟ ନିର୍ମାଣ କରାଯାଇପାରିବ । ପୂର୍ବରୁ ରେଳପଥ ଯୋଗାଯୋଗ ଓ ସଡକପଥ ଯୋଗାଯୋଗ ଭଲଥିବା ଯାଜପୁରକୁ ବିମାନପଥ ଓ ଜଳପଥ ମାର୍ଗ ମିଳିଗଲେ ସେ ଅଞ୍ଚଳର ଅନେକ ବିକାଶ ହେବା ସହ ରୋଜଗାର ସୁଯୋଗ ସୃଷ୍ଟି ହେବ। ପୁରୀ ନରେନ୍ଦ୍ରପୁରଠାରେ ୧୯୦୮ରେ ଜନ୍ମିତ ଏବଂ କଲିକତାରେ ଚିତ୍ରକଳାରେ ଶିକ୍ଷିତ ଉପେନ୍ଦ୍ର ମହାରଥୀ ଓଡିଶାରେ ସୁଯୋଗ ନପାଇ ବିହାରର ବୋଧଗୟାକୁ ନୂତନ ରୂପ ଦେଲେ । ସେଠାରେ ସେ ଅବିସ୍ମରଣୀୟ କାର୍ଯ୍ୟ କରିଗଲେ। ତେଣୁ ବର୍ତ୍ତମାନ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପରି ଧାର୍ମିକ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଲେ ଓଡିଶା ଅଧିକ ଲାଭବାନ ହେବ, ଯାହା ଏବେ ଆରମ୍ଭ ହୋଇଛି । ଉଦାହରଣସ୍ୱରୂପ ଅଯୋଧ୍ୟା ବିକାଶ ପାଇଁ କେନ୍ଦ୍ର ସରକାର ଉଦ୍ୟମ କରି ସଡକ, ଆକାଶ, ରେଳପଥର ସୁବିଧା କରିବାପରେ ଏବେ ଗୋଟିଏ ବର୍ଷ ପୂରିବା ପୂର୍ବରୁ ପାଖାପାଖି ୧୪କୋଟି ପର୍ଯ୍ୟଟକ ଅଯୋଧ୍ୟା ଗସ୍ତ କରି ଦେଶରେ ରେକର୍ଡ ସୃଷ୍ଟିକରିବା ଆମପାଇଁ ମାର୍ଗଦର୍ଶକ ହେବା ଉଚିତ୍। ଦେଶୀ ପର୍ଯ୍ୟଟକ କିପରି ସବୁକୁ ଓଲଟପାଲଟ କରିଦିଅନ୍ତି ଏହା ତାର ପ୍ରମାଣ। ଓଡିଶା ସରକାର ରାଜ୍ୟର ନୂଆ ନୂଆ ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ଧାର୍ମିକ ପର୍ଯ୍ୟଟନ ପାଇଁ ଯେପରି ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସାଯୋଗ୍ୟ । ଏହାଛଡା ନକସାଲ ପ୍ରଭାବିତ ଜିଲ୍ଲା ମାଲକାନଗିରିଠାରେ ୪୦୦୦ରୁ କୋଟିରୁ ଅଧିକ ଖର୍ଚ୍ଚରେ ଲୌହ ଇସ୍ପାତ କାରଖାନା ବସାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ବିଗତ ଦିନମାନଙ୍କରେ ଲୋକେ ଏପରିକି ମନ୍ତ୍ରୀମାନେ ମଧ୍ୟ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇବା କଷ୍ଟକର । କିନ୍ତୁ ମୋହନ ସରକାର କ୍ଷମତାକୁ ଆସିବାପରେ ସରକାର ଏବଂ ଲୋକଙ୍କ ମଧ୍ୟରେ ଥିବା ପୂର୍ବର ପାଚେରୀ ଭାଙ୍ଗିବାକୁ ଯାଇ ଯେପରି ସାପ୍ତାହିକ ଜନଶୁଣାଣି ମାଧ୍ୟମରେ ଲୋକଙ୍କ ସମସ୍ୟା ସମାଧାନର ବ୍ୟବସ୍ଥା କରିଛନ୍ତି ତାହା ଉଲ୍ଲେଖନୀୟ । ଏହିକ୍ରମରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟାଳୟରେ ଏକାଧିକ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବିଷୟ ଶୁଣିବା ଜନସେବାର ଉତ୍କୃଷ୍ଟ ଉଦାହରଣ। ଏକଥା ସତ ଯେ ନବୀନଙ୍କ ୨୪ବର୍ଷର ନିର୍ମାଣ ସହ ମୋହନ ସରକାରଙ୍କ ସାତମାସର ନିର୍ମାଣକୁ ତୁଳନା କରାଯାଇପାରିବ ନାହିଁ। କାରଣ ଯିଏ ଯେତେ ଅଧିକ ଦିନ କ୍ଷମତାରେ ରହିବ ସେତେ ଅଧିକ ନିର୍ମାଣ କରିବା ସୁଯୋଗ ପାଇବ। କିନ୍ତୁ ଅଳ୍ପଦିନରେ ମୋହନଙ୍କ ସରକାର ସ୍ୱଚ୍ଛ ପ୍ରଶାସନ, ଲୋକଙ୍କ ଶାସନ, ଲୋକଙ୍କ ସରକାରକୁ ପ୍ରତିଷ୍ଠା ଦେବାକୁ ସକ୍ଷମ ହୋଇଛନ୍ତି । ରାଜ୍ୟରେ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ, ଯାଜପୁରରେ ବିଶ୍ୱ ବୌଦ୍ଧ ସମ୍ମିଳନୀ ପରି କାର୍ଯ୍ୟକ୍ରମ କରିବାକୁ ରାଜ୍ୟ ସରକାର ସକ୍ଷମ ହୋଇଛନ୍ତି। ଏହି ସମୟରେ ଆଳୁ ଓ ପିଆଜର ଦର ବୃଦ୍ଧିକୁ କେନ୍ଦ୍ରକରି ମୋହନ ସରକାର ସଂକଟରେ ପଡିଛନ୍ତି। ରାଜ୍ୟରେ ପ୍ରଶାସକଙ୍କ ପ୍ରାଦୁର୍ଭାବ ହ୍ରାସ ପାଇବ ବୋଲି ଲୋକେ ଆଶା କରୁଥିଲେ, ଯାହା ସମ୍ଭବ ହୋଇନାହିଁ । ଏପରିକି ଗଣଶିକ୍ଷା ବିଭାଗ ଓସେପାର ପୁସ୍ତକ କ୍ରିୟ ଟେଣ୍ଡର ବିଜ୍ଞାପନ ପୂର୍ବ ସରକାରଙ୍କ କପିପେଷ୍ଟ ଟେଣ୍ଡର ନୀତି ଅନୁଯାୟୀ ହୋଇଛି । ଓଡିଆ ଅସ୍ମିତା କଥା କହୁଥିବା ସରକାର ପୂର୍ବ ସରକାରଙ୍କ ଦ୍ୱାରା ହାତଗଣା ଲୋକଙ୍କ ସ୍ୱାର୍ଥପାଇଁ ପ୍ରସ୍ତୁତ ନୀତିକୁ କିପରି ସ୍ୱୀକାର କଲେ ତାହା ଦେଖି ବିସ୍ମିତ ଲାଗୁଛି । ପୂର୍ବ ସରକାରଙ୍କ ଏହିପରି ଅନେକ ଲୋକ ବିରୋଧୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସ୍ୱାର୍ଥ ପ୍ରେରିତ ନୀତିକୁ ବିଜେପି ସରକାର ଆଗାମୀ ଦିନରେ ପୂର୍ବବତ୍ ଲାଗୁଗଲେ ବିସ୍ମିତ ହେବାର ନାହିଁ। ତାହା ଥୋଡ ବଡି ଖଡା, ଖଡା ବଡି ଥୋଡ ନୀତିରେ ଯାହା ରଙ୍ଗବଦଳା, ଶଢ ବଦଳା ପରି କାର୍ଯ୍ୟ ହେବ । ବହୁ ମନ୍ତ୍ରୀ ପ୍ରଥମ ଥର ପାଇଁ ପଦବୀ ପାଇଥିବା ହେତୁ ଅନୁଭବହୀନତା ପାଇଁ ବାବୁଙ୍କ ଭରସାରେ ବାଧହୋଇ କାର୍ଯ୍ୟ କରୁଛନ୍ତି । ଯାହାକୁ ଲୋକେ କିମ୍ବା ଦଳୀୟ କର୍ମୀମାନେ ପସନ୍ଦ କରୁନାହାନ୍ତି । କିନ୍ତୁ ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ପାଇଁ ସରକାରଙ୍କ ଘୋଷଣା ପ୍ରଶଂସା ଯୋଗ୍ୟ । ଚାଷୀଙ୍କ ପଞ୍ଜିକରଣ କାର୍ଯ୍ୟ ରାଜ୍ୟ ଚାଷୀଙ୍କର ଏକ ଡାଟାବେଶ ତିଆରି କରିବ ଏଥିରେ ସନ୍ଦେହ ନାହିଁ । ପଶ୍ଚିମବଙ୍ଗର ଦାଦାଗିରି ହଟାଇ ଉତ୍ତର ପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟକୁ ବିକଳ୍ପ ଯୋଗାଣ କେନ୍ଦ୍ର କରିବା ସରକାରଙ୍କ ଏହା ସାହସିକ ପଦକ୍ଷେପ ।

ରାଜ୍ୟର ମେଡିକାଲ କଲେଜ ଗୁଡିକରେ ଆସନ ସଂଖ୍ୟା ବୃଦ୍ଧିକରି ସରକାର ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଅନେକ ବର୍ଷ ହେଲା ବନ୍ଦ ରହିଥିବା କଲେଜ ନିର୍ବାଚନ ପାଇଁ ଘୋଷଣା ଦ୍ୱାରା ଛାତ୍ର ନେତୃତ୍ୱର ବିକାଶ ପାଇଁ ମାର୍ଗ ପ୍ରଶସ୍ତ ହେବ। କାରଣ ପୂର୍ବ ସରକାର ଛାତ୍ରଛାତ୍ରୀମାନଙ୍କୁ ଗୋଡାଣିଆ, ପ୍ରଶଂସକ କରି ଗଢି ତୋଳିବାକୁ ଯାଇ ସେମାନଙ୍କୁ ହାତବାରିସୀ ଭାବେ ବ୍ୟବହାର କରିଆସିଥିଲେ । ସେଲ୍‌ଫି, ଭୋଜୀ, ଅର୍ଥବଣ୍ଟନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିଜର ବୋଳକରବୁହା କରାଇଥିଲେ । ରାଜ୍ୟର ଭବିଷ୍ୟତ ନେତୃତ୍ୱ ପାଇଁ କଲେଜଗୁଡିକ ପ୍ରକୃଷ୍ଟ କେନ୍ଦ୍ର । ସରକାରଙ୍କ ଛାତ୍ରସଂସଦ ନିର୍ବାଚନ ପାଇଁ ଘୋଷଣା ବେଶ୍ ଭଲ ପଦକ୍ଷେପ ନିଶ୍ଚୟ। ତେଣୁ ବିଗତ ସାତମାସ ମଧ୍ୟରେ ରାଜ୍ୟ ସରକାର ଏମିତି କିଛି ଭଲ କାର୍ଯ୍ୟ କରି ଲୋକଙ୍କ ପ୍ରଶଂସା ପାଉଥିଲେ ମଧ୍ୟ ନିଷ୍ପତ୍ତି ନେବାରେ ବିଳମ୍ବିତ ପ୍ରକ୍ରିୟା, ଅଫିସରରାଜ ନିୟନ୍ତ୍ରଣ କରିବାରେ ବିଫଳ ହେବା ଯୋଗୁ କେତେକାଂଶରେ ଲୋକଚକ୍ଷୁରେ ଶରବ୍ୟ ହୋଇଛନ୍ତି। ନିଗମ ସହ ଅନ୍ୟାନ୍ୟ ସଂସ୍ଥାଗୁଡିକ ପାଇଁ ନିଯୁକ୍ତି କରିନପାରିବା ଯୋଗୁ ମୋହନ ସରକାର ସମାଲୋଚିତ ହେଉଛନ୍ତି । ଏ କ୍ଷେତ୍ରରେ ଯେତେ ଶିଘ୍ର ସରକାର ନିଜର ଦୋଷତ୍ରୁଟି ସୁଧାରିବେ ରାଜ୍ୟପାଇଁ ତାହା ମଙ୍ଗଳକର ହେବ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ...



**ପ୍ରଦେଶ ପ୍ରତ୍ୟୁଷ**

ଲୋକଙ୍କୁ ସଚେତନ କରିବା ପାଇଁ ରାଜ୍ୟରେ ଗତ ଜାନୁଆରି ୨ ତାରିଖରୁ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ମାସ ପାଳନ। ସେହିପରି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ୧୧ ତାରିଖ ରୁ ଜାନୁଆରୀ ୧୭,୨୦୨୫ ଯାଏ ପାଳନ ହେବ।

ସଦ୍ୟ ରାଜ୍ୟ ସଡ଼କ ସୁରକ୍ଷା ମାସ ପାଳନରେ ରାଜ୍ୟ ସରକାରଙ୍କର ବାର୍ତ୍ତା ରହିଛି - ସଡ଼କ ସୁରକ୍ଷା, ପରିବାର ରକ୍ଷା, ସୁରକ୍ଷିତ ଭାବେ ଘରକୁ ଫେରିବା ...। ରାଜ୍ୟରେ ଯେଉଁଭଳି ଭାବେ ସଡ଼କ ଦୁର୍ଘଟଣା ବଢି ଚାଲିଛି ଏହାକୁ ନଜର ରଖି ରାଜ୍ୟ ସରକାର ଏହି ବାର୍ତ୍ତା ଦେଇଛନ୍ତି। ଆଉ ଲୋକଙ୍କୁ ସତର୍କ କରାଇଛନ୍ତି। ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ, ଆହତ ହେବା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହ୍ରାସ କରିବା ଦିଗରେ ସଚେତନ ପାଇଁ ଏହିପରି ଏକ ଅଭିନବ ପ୍ରୟାସ କରାଯାଇଛି।

ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ସ୍ୱତନ୍ତ୍ର ଅଭିଯାନରେ ଚଢଉ ଓ ପାଟ୍ରୋଲିଂକୁ ଜୋରଦାର କରାଯିବ । ସଡ଼କ ସୁରକ୍ଷା ମାସ ପାଳନ ନେଇ ଗତ ମଙ୍ଗଳବାର (୩୧ ଡ଼ିସେମ୍ବର ୨୦୨୪) ଉଚ୍ଚ ସ୍ତରୀ ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା ପୁଲିସ ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ରାଜ୍ୟର ସଡ଼କ ସ୍ଥିତିର ଆକଳନ କରିବା ସହ ଏହିକଥା କହିଛନ୍ତି। ବୈଠକର ଆଲୋଚ୍ୟ ପ୍ରସଙ୍ଗ ଅନୁସାରେ, ଗତ ୧୦ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ପ୍ରତିବର୍ଷ ପାଖାପାଖି ୫ ହଜାର ଲୋକଙ୍କର ଜୀବନ ସଡ଼କ ଦୁର୍ଘଟଣାରେ ବଳି ପଡୁଛି।

ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସମଗ୍ର ପୃଥିବୀରେ ସଡ଼କ ଦୁର୍ଘଟଣାରେ ଯେତେ ପରିମାଣରେ ମୃତ୍ୟୁ ଘଟୁଛି, ଏହା ପ୍ରାକୃତିକ ବିପର୍ଯ୍ୟୟରେ ହେଉଥିବା ମୃତ୍ୟୁ ଠାରୁ ଖୁବ୍ ଅଧିକ । ଏଥିରୁ ଅନୁମାନ କରି ପାରିବା, ରାସ୍ତାରେ କାଳ ସାଜୁଛି ଦୁର୍ଘଟଣା। ଯାହାକୁ ଯେତେ ଚେଷ୍ଟା କଲେ ଏଡେଇ ହେଉନି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମାଦକ ଦ୍ରବ୍ୟର ସେବନ, ବିଶ୍ରାମ ନନେଇ ଗାଡ଼ି ଚଲାଇବା ଓ ଟ୍ରାଫିକ ନିୟମକୁ ନମାନିବା ଆଦି ସଡ଼କ ଦୁର୍ଘଟଣାର କାରଣ ପାଲିଟିଛି । ଏଥିରେ ନିୟମ ଭଙ୍ଗକାରୀ ଲୋକଙ୍କ ସହ ଭଲ ଲୋକଟିଏ, ଯିଏ ସତର୍କ ଓ ସଚେତନର ସହ ରାସ୍ତାରେ ଯାଉଛି ସେ ବି ଏହି ଦୁର୍ଘଟଣାର ଶିକାର ହେଉଛି। ଏଥିରେ ଦୋଷୀତ ଦଣ୍ଡ ପାଇବ, ହେଲେ ନିରୀହ ଜୀବନଟେ ଏଥିରେ ବଳି ପଡ଼ିଥାଏ।

ସରକାର ଯେତେ ସବୁ ନୀତି ନିୟମ ଜାରି କଲେ ବି ଥମୁନି ସଡ଼କ ଦୁର୍ଘଟଣା। ପ୍ରତିବର୍ଷ ଏଦିଗରେ (ରାସ୍ତା ନିର୍ମାଣ ସଂକ୍ରାନ୍ତୀୟ) ଅନେର ରାଜସ୍ୱ ଖର୍ଚ୍ଚ ହେଉଛି। ରାସ୍ତା ମରାମତି ଠାରୁ ନେଇ ରାସ୍ତାର ପ୍ରଶସ୍ତି ଯାଏ ସବୁ କିଛିର କାର୍ଯ୍ୟ ଚାଲୁ ରହିଛି। ନିୟମ ଭାଙ୍ଗିଲେ ଫାଇନ ଆଦାୟ ଠାରୁ ନେଇ ଦଣ୍ଡ ବିଧାନର ବ୍ୟବସ୍ଥା ଭିତରେ ବି ଦୁର୍ଘଟଣାରେ ରୋକ୍ ଲାଗୁନି। ଏଣି ଏ ଦିଗରେ ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ ଏହି ସଡ଼କ ସୁରକ୍ଷା ଦିବସ। ଲୋକେ ବୁଝିବେ ଏହି ମୂଲ୍ୟବାନ ଜୀବନର ରହସ୍ୟକୁ। ବେପରୁଆ ଜୀବନ ବିତାଇବା ଅପେକ୍ଷା କିଛି ବୈଶିଷ୍ଟ୍ୟତା ପୂର୍ଣ୍ଣ ଚେତ୍ତନାକୁ ମନରେ ଅନ୍ତର୍ଭୁକ୍ତ କରିବା । ଆମେ ଅମାନିଆ ଓ ଶିକ୍ଷିତ ଅପାଠୁଆ ବୋଲି ଆମ ପାଇଁ ନିୟମ ତିଆରି ହେଉଛି। ଆମେ ସୁରକ୍ଷାକୁ ଆପଣାଇବା ବଦଳରେ ଲୋକ ଦେଖାଣିଆ ସଡ଼କର ନିୟମକୁ ପାଳୁଛନ୍ତି।

ସରକାରୀ ତଥ୍ୟ ଅନୁସାରେ , ୨୦୨୧ ରୁ୨୦୨୩ ମଧ୍ୟରେ ସଡ଼କ ଦୁର୍ଘଟଣା କାରଣରୁ ୧୬୨୮୭ ମୃତ୍ୟୁ ହୋଇଛି, ଯେଉଁଥିରେ ୨୦୨୧ରେ ୫୦୮୧, ୨୦୨୨ରେ ୫୪୬୭ ଓ ୨୦୨୩ ରେ ୫୭୩୯ ମୃତ୍ୟୁ ହୋଇଛି। ୨୦୨୧ରେ ବାର୍ଷିକ ମୃତ୍ୟୁ ହାରରେ ୭.୨ ପ୍ରତିଶତ , ୨୦୨୨ରେ ୭.୬ ପ୍ରତିଶତ ଓ ୨୦୨୩ରେ ୪.୮ ପ୍ରତିଶତ ମାମଲା ରେକର୍ଡ କରାଯାଇଛି।

ଏବେ ନୂଆ ବର୍ଷରେ ନୂଆ ସଂକଳ୍ପ ନେବା ପୂର୍ବକ , ସଡ଼କ ଦୁର୍ଘଟଣାକୁ ରୋକିବା ଦିଗରେ ସଚେତନା ହେବା ଓ ଅନ୍ୟକୁ ସଚେତନ କରାଇବା । ଯାହାକି ଅନେକ ଅମୂଲ୍ୟ ଜୀବନକୁ ରକ୍ଷା କରିବା ସହ ରାସ୍ତାରେ ଲୋକେ ସ୍ୱଚ୍ଛନ୍ଦରେ ଯା' ଆସ କରି ପାରିବେ।




କୁରୁମଟାଙ୍ଗର, ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭





## ଶୀତର ସକାଳ

**ରେଶ୍ମା ମେହେର**



ପ୍ରାତଃ ସାଜିଛି କୁହୁଡ଼ି ମେଳରେ
ସବୁଜିମା ଚତୁର୍ଦ୍ଦିଗେ ।
ଭ୍ରମଣ କରନ୍ତି ଆମୋଦର ଭାବେ
ନଗ ଗହନ ବିହଙ୍ଗେ ।।
ନିର୍ଝରିଣୀର ସ୍ରୋତ ରେ ସତେ
ଚହଟି ଉଠେ ଏ ମନ ।
ପ୍ରକୃତି ରାଣୀ ଯେ ସୋଭା ପାଉଅଛି
ସଜାଇ କେତେ ନଳିନ ।।
ତରୁ ଲତା ସବୁ ଲାଗୁଅଛି ଆଜି
ନବ ବିବାହିତା ବଧୂ ।
କାକର ବୁନ୍ଦା ଯେ ସଜାଇଛି ତାକୁ
ମୋତି ମାଣିକ ର ସିନ୍ଧୁ ।।
ଫୁଟିଅଛି କେତେ କେତେ ଯେ
କୁସୁମ
ନାନା ରଙ୍ଗେ କାନନେ ।
ପ୍ରତ୍ୟୁଷ ର ଏହି ମୃଦୁ ମଳୟ ଯେ
ଶିହରଣ ଖେଳେ ମନେ।
ଆକର୍ଷିତ ରୂପ ସାଜିଛି ରେ ଦେଖ
ପ୍ରକୃତି ରାଣୀର ବେଶ ।
ଭ୍ରମର କଳାପି ବିହଙ୍ଗମ ଆଦି
ହୋଇଣ ଗଲେଣି ବଶ ।।
ପ୍ରତି ପ୍ରଭାତ ର କଅଁଳା କିରଣ
ଲାଗେ କେଡେ ମନୋହର।
ଝଲସି ଉଠେ ଯେ ତାହାରି ପ୍ରଭାରେ
ତଟିନୀ ଅବା ସାଗର ।।
କଳକଣ୍ଠ ଗାଏ ନାନା ସୁରେ ଗୀତ
ପଶୁ ପକ୍ଷୀଙ୍କର ମେଳେ ।
ହସିଉଠେ ବନ ଶିଖରୀ ଅନିଳ
ମେଦିନୀ ରାଣୀର କୋଳେ ।।
ଅମ୍ବର ଢାଳୁଛି ଅଗଣିତ ସୁଧା
ତପନର କିରଣେ ।
ସାର୍ଥକ ହୋଇଛି ମୋ ଦୁଇ ଲୋଚନ
ଧରଣୀ ମାଆ ଚରଣେ ।।


ହାତିବନ୍ଧା , ଜିଲ୍ଲା -ନୂଆପଡା


## ଶୀତ

**ନୀଳମଣି ଚାନ୍ଦ**



ହେମନ୍ତ ବିଦାୟ ପରେ ଓହ୍ଲେଇ ତ ଆସ
ଜାଣେ ତୁମ ପାଇଁ ପ୍ରିୟ ମାଘ ପୌଷ ମାସ।

କାକରକୁ ନେଇ ତୁମେ ମୁକ୍ତା କରିପାର
ତୁମ ପାଇଁ କୁହୁଡ଼ିକୁ ଦେଖୁ ବାରବାର
ତୁମେ ଜାଣ ଜାଡ଼ ଛନ୍ଦ ଥଣ୍ଡା ଅନୁପ୍ରାସ।

ଶୀତ ବସ୍ତ୍ର ସାଥୀ କରି ହେଉ ଆମ ଭେଟ
ଉତ୍ତରା ପବନ ଯେତେ କରୁଥାଉ ନାଟ
ଆମେ ଲୋଡୁ ଟାଣ ଖରା ନିଆଁର ସେ ଧାସ।

ତୁମେ ଶୀତ ତୁମ ପରି ଆଣ ସୂର୍ଯ୍ୟମୁଖୀ
ହଳଦିବସନ୍ତ ଆଜି କିଆଁ ଏତେ ଦୁଃଖୀ
ସୋରିଷ ଫୁଲର ମୁହେଁ ଫୁଟେ କେତେ ହସ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ଆକର୍ଷଣ ବନାମ୍ ସମର୍ପଣ

**ଦିପ୍ତିମୟୀ ପଣ୍ଡା**



ଦିନେ ତୁମେ କହିଲ
ତୁମ ପାଇଁ ଯାହା ଆକର୍ଷଣ
ମୋ ପାଇଁ ତାହା ସମର୍ପଣ...
ଶତବାର ଚେଷ୍ଟା ବାଦ
ବୁଝି ପାରିଲିନି
ଏ ଉକ୍ତିର ଯଥାର୍ଥତା,
ଭେଦି ପାରିଲି ନାହିଁ
ଉଭୟ ମଧ୍ୟେ ଥିବା
ଅଦୃଶ୍ୟ ପରିବେଷ୍ଟନୀ
କେମିତି ବା ବୁଝିଥାନ୍ତି
ବୋଝଭରା ହୃଦୟରେ
ତୁମର ମୋର ର ଫେଡାଣରେ ॥
ପ୍ରାକୃତିକ ମାନଚିତ୍ରର
ଅତିସୂକ୍ଷ୍ମ ରେଖାସମୂହ
ଯେମିତି କହିଦେଇପାରେ
ଦେଶର ବିଦେଶର ବିଭାଜନ
ଅବିକଳ ଭାବେ....
ତୁମ କ୍ଷୁଦ୍ର ସଂକ୍ଷେପଣ
ଗାଇ ଦେଇପାରେ
ଚାରିଯୁଗର ସଙ୍ଗୀତ ॥
ବାହ୍ୟ ଚାକଚକ୍ୟର ଜୀବନ
ଆକର୍ଷଣ ତ ନିତାନ୍ତ ସତ୍ୟ
ହେଲେ ସେ ଆକର୍ଷଣ ଭିତରେ
ଯେବେ ତୁମେ ଖୋଜିଚାଲ
ଆତ୍ମଭରା ସମର୍ପଣ
ଅବୁଝା ହେବା ତ ମୋ ପକ୍ଷେ
ନିହାତି ସାପେକ୍ଷ ॥
ଶୁଣ ନା....
ଛୋଟ ଶିଶୁପରି
ଆଉଥରେ ବୁଝେଇଦେବ କି
ତୁମର କହିବାର ମାନେ..
ଦୂରେଇଦେବ କି ମୋର
ଅବୁଝାପଣ ॥


ଦେଓଗାଁ, ବରଗଡ଼

## ସୌନ୍ଦର୍ଯ୍ୟ ବୃଦ୍ଧିରେ ଗ୍ଲିସେରିନ୍ : ଜାଣନ୍ତୁ କିପରି କରିବେ ବ୍ୟବହାର



ମହିଳାମାନେ ସବୁବେଳେ ସୁନ୍ଦର ଦେଖାଯିବାକୁ ବିଭିନ୍ନ ଉପାୟ ଆପଣାନ୍ତି । ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରସାଧନ ବ୍ୟବହାର କରିବା ସହ ବିଭିନ୍ନ ଉପଚାର କରିଥାନ୍ତି । ଶରୀରକୁ ସୁନ୍ଦର କରିବାରେ ଗ୍ଲିସେରିନର ଭୂମିକା ଅନେକ ରହିଛି । ଜାଣନ୍ତୁ ସୌନ୍ଦର୍ଯ୍ୟକୁ ଏହାକୁ ବ୍ୟବହାର କରିବେ କିପରି ?

କ୍ଲିସେରିନକୁ କେବେ ସିଧାସଳଖ ବ୍ୟବହାର କରନ୍ତୁ ନାହିଁ । ବରଂ ଏହାକୁ ଗୋଲାପ ଜଳ କିମ୍ବା ମିନେରାଲ ୱାଟରରେ ମିଶାଇ ବ୍ୟବହାର କରନ୍ତୁ । ଗ୍ଲିସେରିନକୁ ମୁହଁରେ ଲଗାଇବା ପୂର୍ବରୁ ମୁହଁକୁ ଭଲଭାବେ ଧୋଇନିଅନ୍ତୁ । ଏହାପରେ ତୁଳାରେ କିଛି ବୁନ୍ଦା ନେଇ ମୁହଁରେ ମସାଜ୍ କରନ୍ତୁ । କିଛି ସମୟ ରଖିବା ପରେ ମୁହଁକୁ ସାଧା ପାଣିରେ ଧୋଇଦିଅନ୍ତୁ । ତ୍ୱଚା କୋମଳ ରହିବ । ୧୦୦ ଗ୍ରାମ ଗୋଲାପ ଜଳ ସହିତ ୧ ଚାମଚ ଗ୍ଲିସେରିନ୍ ମିଶାଇ ବେତଲର ଠିପି ବନ୍ଦ କରି ଫ୍ରିଜରେ ରଖିଦିଅନ୍ତୁ । ଏହି ଲୋସନକୁ ହାତ, ଗୋଡ, କିମ୍ବା ଶୁଷ୍କ ତ୍ୱଚାରେ ବ୍ୟବହାର କରନ୍ତୁ । ଯଦି ମୁହଁରେ ଚର୍ମ ଶୁଷ୍କ ହୋଇଯାଉଛି, ତାହେଲେ ଅଧା ଚାମଚ ଗ୍ଲିସେରିନ୍ ସହିତ ୧ ଚାମଚ ଗୋଲାପ ଜଳ ଓ ୧ ଚାମଚ ମିଲ୍କ ପାଉଡର ମିଶାନ୍ତୁ । ଏହାକୁ ଭଲଭାବେ ମୁହଁରେ ଲଗାନ୍ତୁ । ୫ ମିନିଟ୍ ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ମୁହଁ ରୁକ୍ଷ ଓ ଶୁଷ୍କ ହେବାରୁ ରକ୍ଷା ପାଇବ ନିଶ୍ଚୟ ।




## ଠିଆ ହୋଇ ଖାଉଥିଲେ ସାବଧାନ ! ହୋଇପାରେ ଏହି ସବୁ ଗୁରୁତର ସମସ୍ୟା



ଆଜିକାଲି ମଣିଷ ଏତେମାତ୍ରାରେ ବ୍ୟସ୍ତ ଯେ, କୌଣସି କାମରେ ଆଉ ସେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରିବାକୁ ଇଚ୍ଛା କରୁନାହିଁ । ଏହି ପରିପେକ୍ଷୀରେ ଠିଆ ହୋଇ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହେଲାଣି ।

ଯେଭଳି ଠିଆ ହୋଇ ପାଣି ପିଇବା ଯେପରି ହାନିକାରକ, ସେହିଭଳି ଠିଆ ହୋଇ ମଧ ଖାଇବା ମଧ ପାଚନତନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ । ଯେତେବେଳେ ଆମେ ଠିଆ ହୋଇ ଖାଦ୍ୟ ଖାଇଥାଉ ଏହାର ପରିମାଣ ସ୍ୱରୁପ ଆମେ ଜାଣିପାରୁ ନ ଥାଉ ପେଟ ଭରିଛି କି ନାହିଁ । ଠିଆ ହୋଇ ଖାଇବା ଦ୍ୱାରା ସମୟ କମିଯାଇପାରେ, କିନ୍ତୁ ଏଥିପାଇଁ ଆପଣ ଅନେକ ରୋଗର ଶିକାର ହୋଇପାରନ୍ତି ।

ଅଧିକ ଭୋକ ଲାଗିଥାଏ: ଯେଉଁ ଲୋକମାନେ ଠିଆ ହୋଇ ଖାଦ୍ୟ ଖାଆନ୍ତି ସେମାନଙ୍କୁ ଅଧିକ ଭୋକ କରିଥାଏ । କାରଣ ଖାଦ୍ୟ ଶୀଘ୍ର ହଜମ ହୋଇ ଅଧିକ ଭୋକ କରିଥାଏ । ଆବଶ୍ୟକତାଠାରୁ ଅଧିକ ଖାଇବା ଯୋଗୁଁ ଏହା ଅନ୍ୟ ରୋଗଗୁଡିକ ଡାକି ଆଣେ ।

ପାଚନକୁ ପ୍ରଭାବିତ କରିଥାଏ: ଠିଆହୋଇ ଖାଦ୍ୟ ଖାଇବା ଦ୍ୱାରା ଜଣେ ଖାଦ୍ୟକୁ କମ୍ ଚୋବାଇ ଥାନ୍ତି । ଖାଦ୍ୟ ଶୀଘ୍ର ପାଚନତନ୍ତ୍ରକୁ ଆସିବା ଦ୍ୱାରା ଏଥିରୁ ପୋଷକତତ୍ତ୍ୱ ମଧ ଠିକ୍ ଭାବେ ଅବଶୋଷିତ ହୋଇପାରେ ନାହିଁ । ଏଥିଯୋଗୁଁ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ ।

ମେଦବୃଦ୍ଧି: ଯେତେବେଳେ ଆମେ ଭୂମି ଉପରେ ବସି ଖାଦ୍ୟଗ୍ରହଣ କରୁ, ସେତେବେଳେ ଜଣେ କେବଳ ଖାଦ୍ୟ ଉପରେ ମନୋନିବେଶ କରିଥାଏ । ଠିଆ ହୋଇ ଖାଇବାବେଳେ ଜଣେ ଏତେତେଣେ ବୁଲୁଥାଏ, ଖାଦ୍ୟରେ ମନ ନଥାଏ । ଫଳରେ ଜଣେ ଆବଶ୍ୟକତାଠାରୁ ଅଧିକ ଖାଇଥାଏ । ଏଥିଯୋଗୁଁ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇପାରନ୍ତି ।

## ପତଳା ହେବାକୁ ରାତି ଖାଇବା ବନ୍ଦ କରୁଛନ୍ତି କି ? ହୋଇପାରେ ମାରାତ୍ମକ ସମସ୍ୟା



ଅନେକ ଲୋକ ଓଜନ କମାଇବାକୁ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି । ଏହା ସହ କିଛି ଲୋକ ଓଜନ କମାଇବାକୁ ରାତି ଖାଇବାକୁ ବନ୍ଦ କରିଦେଉଛନ୍ତି । ହେଲେ ଏହାଦ୍ୱାରା ଶରୀର ପାଇଁ କେତେ ସମସ୍ୟା ସୃଷ୍ଟିହୁଏ ତାହା ଜାଣିଲେ ବୋଧହୁଏ କେହି ଏପରି ଭୁଲ କରିବେ ନାହିଁ ।

ରାତି ଖାଇବା ଛାଡିବା ଦ୍ୱାରା ଶରୀର ଦୁର୍ବଳ ହେବା ସହ ଗୁରୁତର ରୋଗ ସୃଷ୍ଟି ହୁଏ । ରାତିରେ ଖାଇବା ବନ୍ଦ କଲେ ନିଦ ଠିକ ଭାବେ ହୁଏ ନାହିଁ । କାରଣ ରାତି ବଢିବା ସହ ପେଟରେ ଖାଦ୍ୟ ନଥିବାରୁ ଭୋ୍ ଲାଗିଥାଏ । ଫଳରେ ନିଦରେ ବାଧା ସୃଷ୍ଟି ହୋଇଥାଏ । ଠିକ ଭାବେ ନିଦ ନହେବା କାରଣରୁ ଏହାର ପ୍ରଭାବ ପୁରା ଶରୀର ଉପରେ ପଡିଥାଏ ।

ଅଧିକାଂଶ ସମୟରେ ଲୋକେ ନିଜର ଓଜନ କମ କରିବା ପାଇଁ ରାତି ଖାଦ୍ୟ ଛାଡିଥାନ୍ତି । ଏହାଦ୍ୱାରା ଶରୀର ଧିରେ ଧିରେ ଦୁର୍ବଳ ହୋଇଯାଏ । ତେଣୁ ରାତି ଖାଦ୍ୟ କେବେବି କ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ସହ ମାନସିକ ସ୍ତରରେ ମଧ ଏହାର କୁପ୍ରଭାବ ପଡିଥାଏ ।

ରାତିରେ ଖାଦ୍ୟ ନଖାଇବା ଦ୍ୱାରା ପେଟ ଦରଜ ସମସ୍ୟା ସୃଷ୍ଟି ହୁଏ । ବରଂ ରାତି ଖାଦ୍ୟ ନଛାଡି ଓଜନ କମାଇବାକୁ ଫାଇବର ଯୁକ୍ତ ହାଲକା ଖାଦ୍ୟ ଗ୍ରହଣ କରନ୍ତୁ ।

ଶରୀରକୁ ସ୍ଲିମ ରଖିବାକୁ ଓ ମୋଟାପଣ କମ କରିବାକୁ ରାତି ଖାଦ୍ୟ ନଖାଇବା ସମାଧାନର ବାଟ ନୁହେଁ । ରାତି ଖାଦ୍ୟ ନଖାଇଲେ ଓଜନ ସିନା କମିଯାଏ ହେଲେ କୁପୋଷଣ ଭଳି ସମସ୍ୟା ସୃଷ୍ଟି ହୁଏ ।

ତେଣୁ ଫିଟ ରହିବାକୁ ଚାହୁଁଥିଲେ ଓ ଓଜନ କମାଇବାକୁ ଚାହୁଁଥିଲେ ଠିକ୍ ସମୟରେ ଉଚିତ ପରିମାଣର ଖାଦ୍ୟ ଖାଇବା ସହ ଶରୀରିକ ପରିଶ୍ରମ ତଥା ଯୋଗ ପ୍ରାଣାୟାମ କରିବାକୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ । ଏହା ହିଁ ସର୍ବୋତ୍କୃଷ୍ଟ ଉପାୟ ।

## ଜୋତା ଦ୍ୱାରା ପ୍ରଭାବିତ ହୁଏ ସ୍ୱାସ୍ଥ୍ୟ: ଏ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ କଥା

ଅନେକ ସମୟରେ ଅଧିକାଂଶ ଲୋକେ ଜୋତା ବାହାର ନକରି ଘର ଭିତରକୁ ଚାଲିଆସନ୍ତି । କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ ବରଂ ବିଜ୍ଞାନ ସମ୍ମତ କାରଣରୁ ମଧ ଏହା କ୍ଷତିକାରକ । ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଜୋତା ମାଧ୍ୟମରେ ଅନେକ ଜୀବାଣୁ ଘର ଭିରକୁ ପ୍ରବେଶ କରିବା ସହ ଅନେକ ପ୍ରକାର ରୋଗ ମଧ ଦେଖାଯାଏ । ଆରିଜୋନା ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ପାଖାପାଖି ୪୦ ହଜାରରୁ ଅଧିକ ବ୍ୟାକ୍ଟେରିଆ ଥାଆନ୍ତି । ଏହି ଜୀବାଣୁ ମଣିଷର ରକ୍ତ ଓ ପଶୁମାନଙ୍କ ମଳରେ ଥାଏ । ଏହାବ୍ୟତୀତ ୬ଟି ହାନୀକାରକ ବ୍ୟାକ୍ଟେରିଆ ହେଉଛି ଇ-କୋଲି, କ୍ଲେବସିଏଲା, ନିମୋନିଆ, ସେରାଟିୟା, ଓ ଫକିରିଆ ପରି ବ୍ୟାକ୍ଟେରିଆ। ଏହି ସବୁ ଜୀବାଣୁ ଜୋତା ଦ୍ୱାରା ଘର ଭିତରେ ପ୍ରବେଶ କରି ଖାଦ୍ୟ ପଦାର୍ଥ, ପାଣି, ଆସବାବପତ୍ର ଓ





ପୋଷାକରେ ଲାଗିଯାନ୍ତି । ଫଳରେ ନିଃଶ୍ୱାସ ଜନିତ ରୋଗ ସହ ୟୁରିନ୍ ଇନଫେକ୍ସନ୍, ଲିଭର ସଂକ୍ରମଣ ଓ ତ୍ୱଚାରେ ସମସ୍ୟା ଦେଖାଯାଏ । ଆମେରିକା ସ୍ଥିତ 'ଏନଭାଇରନମେଣ୍ଟ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ଦ୍ୱାରା କରାଯାଇଥିବା ଆଉ ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ଏକ ପ୍ରକାର ଟକ୍ସିନ୍ ଥାଏ, ଯାହାକି ଅବସାଦ,ହଜମ ସମ୍ପର୍କିତ ସମସ୍ୟା ସୃଷ୍ଟି କରେ । ଏହାସହ ଦୃଷ୍ଟି ଶକ୍ତି ଉପରେ ମଧ ପ୍ରଭାବ ପକାଏ । ତେଣୁ ବାହାରେ ବ୍ୟବହାର କରୁଥିବା ଜୋତାକୁ କେବିବି ଘର ଭିତରକୁ ଆଣନ୍ତୁ ନାହିଁ । କେବଳ ଏତିକି ନୁହେଁ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ଗୋଡ ଧୋଇ ପ୍ରବେଶ କରିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

## ପରିସ୍ରାରେ ରକ୍ତ ପଡ଼ିବା କେତେ କ୍ଷତିକାରକ ? କେଉଁ ରୋଗର ଲକ୍ଷଣ ଚିହ୍ନାଏ ଏବଂ ଖାମଖିଆଲ କଲେ ଏହା ଶରୀରକୁ କେତେ କ୍ଷତି ପହଞ୍ଚାଏ , ଜାଣିରଖନ୍ତୁ



ଯୌନାଙ୍ଗ ସମ୍ବନ୍ଧୀତ ସମସ୍ୟାକୁ ଲାଜ ଭାବି ଆମେ ଅନ୍ୟ ଆଗରେ ପ୍ରକାଶ କରିବାକୁ ବେଳେବେଳେ କୁଣ୍ଠାବୋଧ କରୁ । ଖାଲି ଏତିକି ନୁହେଁ ଡାକ୍ତରଙ୍କ ପରାମର୍ଶ ନେବାକୁ ଗଲା ବେଳେ ବି ଆଜି ଯିବି କାଲି ଯିବି କହି ସମୟ ଗଡ଼ାଉ । କିନ୍ତୁ ଏଭଳି କରିବା ଯେ ପରମୁହୂର୍ତ୍ତରେ ନିଜକୁ ଭାରି ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଥାଉ ଥାଉ ସମସ୍ୟାର ସମାଧାନ ନ ଖୋଜିଲେ ନେଡ଼ି ଗୋଡ଼ କହୁଣିକୁ ବୋହିଗଲା ଭଳି ସାର ହେବ । ବ୍ରିଟେନର ଜଣାଶୁଣା ଡାକ୍ତର ମିରିୟମ୍ ଷ୍ଟୋପାର୍ଡଙ୍କ ମୁତାବକ , କିଛି ଲୋକଙ୍କ ୟୁରିନରେ ରକ୍ତ ବାହାରିବା ଭଳି ସମସ୍ୟା ଦେଖାଯାଏ । ଯାହା ଏକ ଗମ୍ଭୀର ରୋଗର ଲକ୍ଷଣ ମଧ ହୋଇଥାଇପାରେ ତେଣୁ ପରିସ୍ରା କରିବା ସମୟରେ ଆମକୁ ଏ ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡାକ୍ତର ଷ୍ଟୋପାର୍ଡ ଏକ ଆର୍ଟିକଲରେ ଲେଖିଛନ୍ତି ଯେ , ଜଣେ ବାନ୍ଧବୀ ବ୍ୟତିବ୍ୟସ୍ତ ହୋଇ ତାଙ୍କୁ ଥରେ ଫୋନ୍ କରି ପରିସ୍ରାରେ ରକ୍ତ ଆସୁଥିବା କଥା କହିଥିଲେ । ଷ୍ଟୋପାର୍ଡ ତାଙ୍କୁ ପ୍ରଶ୍ନ କରିଥିଲେ ଯେ , କ'ଣ ସେ ଖାଦ୍ୟରେ ବିଟ୍ ଖାଇଥିଲେ ? ବାନ୍ଧବୀଙ୍କ ଉତ୍ତର ଥିଲା ହଁ । ଏହାର ଉତ୍ତରରେ ସେ କହିଥିଲେ ଯେ ବେଳେବେଳେ ବିଟ୍ ଖାଇବା ପରେ ପରିସ୍ରାର ରଙ୍ଗ ଗୋଲାପୀ ହୋଇଯାଏ ଯାହା ରକ୍ତ ଭଳି ଦେଖାଯାଏ । ବିଟ୍ ର ରଙ୍ଗ ଲାଲ୍ ହେବା କାରଣରୁ ଏହା ପରିସ୍ରାରେ ସମାନ ମାତ୍ରାରେ ଖେଳେଇ ହୋଇଯାଏ । ଯେତେବେଳେ ପରିସ୍ରା , ପ୍ରଷ୍ଟେଟ୍ ବା କିଡନି କ୍ୟାନ୍ସରର ପରୀକ୍ଷା କରାଯାଏ । ଅସଲ ସମସ୍ୟା କ'ଣ ଜଣାପଡିଥାଏ । ବ୍ଲେଡର୍ କ୍ୟାନ୍ସରର ସାଧାରଣ ଲକ୍ଷଣ ହେଉଛି ପରିସ୍ରାରେ ରକ୍ତ ଆସିବା । ଯାହାକୁ 'ହିମେଟ୍ୟୁରିଆ' ମଧ କୁହାଯାଏ । ଡାକ୍ତରଙ୍କ କହିବାନୁସାରେ , ବ୍ଲେଡର୍ କ୍ୟାନ୍ସରରେ ପାଖାପାଖି ୮୦ % ରୋଗୀଙ୍କ ମଧ୍ୟରେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଯେଉଁ ବ୍ୟକ୍ତିଙ୍କ ପରିସ୍ରାରେ ରକ୍ତ ଆସୁଛି ସେ ବ୍ଲେଡର୍ କ୍ୟାନ୍ସରରେ ପୀଡ଼ିତ ଅଛନ୍ତି ବୋଲି କିଛି ମାନେ ନାହିଁ । ଏହାର ଅନ୍ୟ କିଛି କାରଣ ମଧ ହୋଇଥାଇପାରେ । ବଢୁଥିବା ପ୍ରଷ୍ଟେଟ୍ , ପରିସ୍ରାମାର୍ଗରେ ସଂକ୍ରମଣ (ୟୁଟିଆଇ) କିମ୍ବା ଅଧିକ ବ୍ୟାୟାମ କାରଣରୁ ମଧ ଏଭଳି ସମସ୍ୟା ଦେଖାଦେଇଥାଏ । ୟୁଟିଆଇର ସଂକେତ ପରିସ୍ରା କରିବାରେ କଷ୍ଟ ,ପରିସ୍ରା ରଙ୍ଗ ପରିବର୍ତ୍ତନ ,ବାରମ୍ବାର ପରିସ୍ରା ଲାଗିବା ଏବଂ ରୋକି ନ ପାରିବା ଭଳି ସମସ୍ୟା ହୋଇଥାଇପାରେ । ବ୍ୟାୟାମ , ଦୌଡ଼ , ସନ୍ତରଣର ମାତ୍ରା ଅଧିକ ସମୟ ଧରି କରିଲେ ମଧ ପରିସ୍ରାରେ ରକ୍ତ ବାହାରିଥାଏ । ଏହା ଦିନେ , ୨ ଦିନ ଭିତରେ ଠିକ୍ ମଧ ହୋଇଯାଏ । କିଛି ଖାଦ୍ୟେ କିମ୍ବା ଔଷଧ କାରଣରୁ ମଧ ପରିସ୍ରାର ରଙ୍ଗ ଲାଲ୍ ହୋଇଯାଏ । ବ୍ଲାକବେରୀ , ବିଟ୍ , ରେଡଫୁଡ୍ ଭଳି ଖାଦ୍ୟପଦାର୍ଥ ଖାଇଲେ ପରିସ୍ରାର ରଙ୍ଗ ଗୋଲାପୀ କିମ୍ବା ନାଲି ହୋଇଯାଏ ।

# ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଆଶା ବାନ୍ଧିଛନ୍ତି ପୂର୍ବତନ ଛାତ୍ର ଛାତ୍ରୀ



ଉଦଳା , ୭/୧ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଅନେକ ଗୁଡ଼ିଏ ମହାବିଦ୍ୟାଳୟ ଗଢ଼ି ଉଠିଥିଲେ ମଧ୍ୟ କେବଳ ଉଦଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ । ଅନ୍ୟ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେଉନଥିବାରୁ ପୂର୍ବତନ ଛାତ୍ର ଛାତ୍ରୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଆଗାମି ଦିନରେ ରାଜ୍ୟ ସରକାର ମହାବିଦ୍ୟାଳୟ ମାନଙ୍କରେ ନିର୍ବାଚନ କରାଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟ, ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ, ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉ ବୋଲି ବହୁ ପୂର୍ବତନ ଛାତ୍ର ଛାତ୍ରୀ ଦାବି ଜଣାଇଛନ୍ତି । ପୂର୍ବତନ ଛାତ୍ର ଛାତ୍ରୀ ମାନଙ୍କର ଏପରି ଏକ ଦାବିକୁ ରାଜ୍ୟ ସରକାର ପୁରଣ କରିବେ ବୋଲି ଅବିଭାବକ ମାନେ ଆଶା ବାନ୍ଧିଛନ୍ତି । ଛାତ୍ର ସଂସଦ ନିର୍ବାଚନ ହିଁ ଜଣେ ଭଲ ରାଜନେତାଙ୍କୁ ଜନ୍ମ ଦେଇଥାଏ ବୋଲି ବହୁ ଲୋକ ମତ ଦେଇଛନ୍ତି । ଆମ ଅଂଚଳରେ ଭଲ ରାଜନେତାଙ୍କର ଅଭାବ ଯୋଗୁଁ ଆଜି ସବୁକ୍ଷିରେ ଆମେ ପଛୁଆ ଅଛୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ନେତା ଯେଉଁ ପଦପଦବିରେ ଥାଆନ୍ତୁ ନାଁ କାହିଁକି ନିଜକୁ ଜଣେ ଛାତ୍ର ନେତା ଭାବରେ ପରିଚୟ ଦେବାରେ ଯେଉଁ ଗର୍ବ ଅନୁଭୁତ ହୋଇଥାଏ ତାହା ଅନ୍ୟ କେଉଁଠି ମିଳେ ନାହିଁ ବୋଲି ବହୁ ଆଗଧାଡ଼ିର ନେତା ମାନେ କହିଛନ୍ତି ।

# ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଶିଶୁ ଅଧିକାର ସୁରକ୍ଷା ପ୍ରତିଯୋଗିତା ଓ ସମ୍ମିଳନୀ

ପୁରୀ, ୭/୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧା ବାଲି, ପୁରୀ ଠାରେ ଶିଶୁ ଅଧିକାର ସୁରକ୍ଷା ପ୍ରତିଯୋଗିତା ଓ ସମ୍ମିଳନୀ ଗତ ୫ ଜାନୁଆରୀ ୨୦୨୫ ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ଓ ବିଦ୍ୟାଳୟରୁ ମୋଟ ୫୦ ଜଣ ଛାତ୍ରଛାତ୍ରୀ ପୋଷ୍ଟର ପ୍ରସ୍ତୁତି ଓ କୁଇଜ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ଅସୁରକ୍ଷିତ ଶିଶୁ ଓ ସୁରକ୍ଷିତ ସମ୍ଭାବନା ବିଷୟରେ ପୋଷ୍ଟର ପ୍ରସ୍ତୁତ କରି କନିଷ୍ଠ ବିଭାଗରେ ଔରଶିଖା ରଥ, ଓମପ୍ରିୟା ମହାପାତ୍ର ଓ ସ୍ମୃତି ବେବର୍ତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରେୟା ମହାନ୍ତି, ପ୍ରୟାଗ ଚନ୍ଦ୍ର ମିଶ୍ର ଓ ଜଗନ୍ନାଥ ବେହେରା ବରିଷ୍ଠ ବିଭାଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହିତ ଶିଶୁ ଯତ୍ନ ଓ ସୁରକ୍ଷା, ଚାଇଲଡ ହେଲ୍ପ ଲାଇନ ଆଦି ବିଷୟକୁ ନେଇ ବିଷୟ ବିଶେଷଜ୍ଞମାନେ ସେମାନଙ୍କର ମତ ଓ ପରାମର୍ଶ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ସଂଗ୍ରାମ କିଶୋର ସାମଲ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ ଅଜିତ କୁମାର ମହାପାତ୍ର, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ରୁଚିକା ସାମାଜିକ ସଂଗଠନର ନିର୍ଦ୍ଦେଶକ ବେଣୁଧର ସେନାପତି, ପୁସ୍ତକ ମେଳା ସମ୍ପାଦକ ଚକ୍ରଧର ମହାପାତ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ସୁରକ୍ଷାରେ ଅଭିଭାବକ, ଛାତ୍ରଛାତ୍ରୀ, କର୍ମକର୍ତା, ଗଣମାଧ୍ୟମଙ୍କ ଦାୟିତ୍ୱ କାର୍ଯ୍ୟକାରୀ ଧିବ୍ୟବସ୍ଥା, ପୋଷ୍ୟ ସନ୍ତାନ ଗ୍ରହଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ସମାଚାରର ଜାନୁଆରୀ ୨୦୨୫ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପୋଷ୍ଟର ତିଆରି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରି ପ୍ରୀତିକାନ୍ତ ପଣ୍ଡା, କାର୍ଯ୍ୟକ୍ରମ ପରିଚାଳକ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା ହେଲେ ସାମାଜିକ ପ୍ରଗତି ହେବ। ଶିଶୁ ମାନଙ୍କ ସୁରକ୍ଷା ସମ୍ବନ୍ଧରେ ଯେତେ ଜାଣିବା ଶିଶୁ ମାନଙ୍କୁ ସେତିକି ସୁରକ୍ଷିତ ରଖିପାରିବା। ମିଶନାରୀ ଅଫ ଚାରିଟି ଖ୍ରୀଷ୍ଟୋଜ୍ୟୋତି ଆଶ୍ରମର ବ୍ରଦର ଟିଂଟୁସ ମିଞ୍ଜଙ୍କୁ ଉତ୍ସର୍ଗୀକୃତ ଶିଶୁ ଯତ୍ନ ଓ ସୁରକ୍ଷା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

# ଡ୍ରାଇଭିଂ ଟ୍ରେନିଙ୍ଗ ସେଂଟର ପ୍ରତିଷ୍ଠା କରିବାକୁ ଦାବି

ଜୟପୁର, ୭/୧ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଜିଲାପାଳଙ୍କୁ ଭେଟି ଡ୍ରାଇଭିଂ ଟ୍ରେନିଙ୍ଗ ସେଂଟର ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି । ଜୟପୁର ଠାରେ କେନ୍ଦ୍ର ସରକାରଙ୍କ ଡ୍ରାଇଭିଂ ଟ୍ରେନିଙ୍ଗ ସେଂଟର ପ୍ରତିଷ୍ଠା କରିବାକୁ ଦାବି କରାଯାଇଥିଲା । ୨୦୨୨ ଠାରୁ ଜୟପୁରରେ ଏକ ଡ୍ରାଇଭିଙ୍ଗ ଟ୍ରେନିଙ୍ଗ ସେଂଟର କରିବାକୁ ଦାବି ହୋଇଆସୁଛି । ଏହାକୁ ତୁରନ୍ତ ପ୍ରତିଷ୍ଠା କରିବାକୁ ଦାବି ହୋଇଛି । ସେହିପରି ଟ୍ରକ ମାଲିକ ସଂଘ ମଧ୍ୟ ପ୍ରଶାସନ ଦ୍ୱାରସ୍ଥ ହୋଇଥିଲେ । ଏହା ପୁରୁଣା ୟୁନିୟନ ହୋଇଥିବା ବେଳେ ୫ ଶହ ରୁ ଅଧିକ ଟ୍ରକ ରହିଛି । କିନ୍ତୁ ପାର୍କିଙ୍ଗର ବ୍ୟବସ୍ଥା ନାହିଁ । ତେଣୁ ପାର୍କିଙ୍ଗ କରିବା ପାଇଁ ଜାଗା ଦେବା ନିମନ୍ତେ ଦାବି କରିଥିଲେ । ସେହିପରି ଜୟପୁର ସହର ଓ ଗ୍ରାମାଚଂଳରେ ବହୁଳ ଭାବେ ବେଆଇନ ଗୁଟୁଖା ବିକ୍ରି ଜୟପୁର ଦୁଇ ଜଣ ବ୍ୟବସାୟି କରି ଆସୁଛନ୍ତି । ଏହା ଦ୍ୱାରା ସହରରେ ଗୁଟୁଖା ଜରି ଏବଂ ଆବର୍ଜନା କୁଢ କୁଢ ପଡି ରହୁଛି । ଏହା ସହ ସାଧାରଣ ଜନତା ଦୁରାରୋଗ୍ୟ କ୍ୟାନସର ରେ ପୀଡ଼ିତ ହୋଇଛନ୍ତି । ଏହି ଦୁଇ ବ୍ୟବସାୟୀ ମାନଙ୍କୁ ଧରପଗଡ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ସେହିପରି ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ତରଫରୁ ଜୟପୁର ସ୍ଥିତ ଜଗନ୍ନାଥ ସଗରର ପ୍ରକୃତ ଜାଗା କେତେ ରହିଛି, ଏହାର ସୀମା ନିର୍ଦ୍ଧାରଣ କରାଯାଉ, ସରକାରୀ ଓ ବେସରକାରୀ ସ୍ତରରେ ଜବର ଦଖଲ ହୋଇଛି କିମ୍ବା ଜମି ହଡପ କରାଯାଉଛି, ସେହି ଜାଗା ଗୁଡିକ ଉଚ୍ଛେଦ କରି ଚିହ୍ନଟ କରାଯାଉ ପୋଲିସ ଦାବି କରାଯାଇଛି । ଘରୋଇ ବସ ମାଲିକ ମାନେ ପ୍ରଶାସନ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ବର୍ତମାନ ସୁଦ୍ଧା ଦଣ୍ଡାବାଡି ରୁଟରେ ସରକାରୀ ଓ ବେସରକାରୀ ବସକୁ ମିଶାଇ ୭ଟି ବସ୍ ଚଳାଚଳ କରୁଛି । ଯାହା ଫଳରେ ଗୁପ୍ତେଶ୍ୱରକୁ ଯାତ୍ରୀ ମାନେ ଯିବା ନିମନ୍ତେ ଗମାନା ମଗନର ସୁବିଧା ହୋଇ ପାରୁନାହିଁ ।

# ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

ଅନୁଗୁଳ, ୭/୧ (ନି.ପ୍ର): ଆଜି ଠାରୁ ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି । ଏହା ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଚାଲିବ । ସାତକୋଶିଆର ମହାନଦୀ ଏବଂ ଅନ୍ୟାନ୍ୟ ଜଳାଶୟରେ କୁମ୍ଭୀର ଗଣନା କାର୍ଯ୍ୟ ହେବ । ଏଥିପାଇଁ ପର୍ଯ୍ୟଟକଙ୍କୁ ସାତକୋଶିଆ ଆସିବାକୁ ବାରଣ କରାଯାଇଛି। କୁମ୍ଭୀର ଗଣନା ପାଇଁ ଆଜିଠୁ ଆସନ୍ତା ୯ ତାରିଖ ସକାଳ ପର୍ଯ୍ୟନ୍ତ ମହାନଦୀରେ ବୋଟିଂ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ । ୬ରୁ ୮ତାରିଖ ପର୍ଯ୍ୟନ୍ତ ସାତକୋଶିଆରେ କୁମ୍ଭୀର ଗଣନା ହେବାକୁ ଥିବାବେଳେ ସାତକୋଶିଆର ମହାନଦୀ ଏବଂ ଅନ୍ୟାନ୍ୟ ଜଳାଶୟରେ ଗଣନା କାର୍ଯ୍ୟ ହେବ । ଏଥପାଇଁ ବନ ବିଭାଗର ୧୪ଟି ଦଳ ନିୟୋଜିତ ହୋଇଛନ୍ତି । ଏହି ସମୟରେ ନଦୀରେ ମାଛ ଧରିବା ପାଇଁ ମଧ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ସଡକ ସୁରକ୍ଷା ମାସ-୨୦୨୫ ପାଳନ ଉପଲକ୍ଷେ ସୁଦୀର୍ଘ ମାନବ ଶୃଙ୍ଖଳ ଆୟୋଜନ




ରାଉରକେଲା, ୭/୧ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନାରେ ପାଇପ ପ୍ଲାଣ୍ଟ ବିଭାଗର ୧୫୦ରୁ ଅଧିକ କର୍ମଚାରୀ ଓ ଠିକା ଶ୍ରମିକ ସଡକ ସୁରକ୍ଷା ମାସ-୨୦୨୫ ପାଳନ ଉପଲକ୍ଷେ ଜାନୁଆରୀ ୪ ତାରିଖ ଦିନ ଏମଆରଡ଼ି ଛକ ରୁ ପାଇପ ପ୍ଲାଣ୍ଟ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଶ୍ରୀମତୀ ଆଶା କାର୍ଥା, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା ତଥା ପାଇପ ପ୍ଲାଣ୍ଟ ବିଭାଗର ଜିଏମ ଶ୍ରୀ ଅବିନାଶ ଚୌଧୁରୀ ଏହି ଅଭିଯାନର ନେତୃତ୍ୱ ନେଇଥିଲେ ।
ଏହି ଅଭିଯାନରେ ଅଂଶଗ୍ରହଣକାରୀ ମାନବ ଶୃଙ୍ଖଳ ଗଠନ କରିବା ସହିତ ସୁରକ୍ଷା ବାର୍ତା ଉପରେ ଆଧାରିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏହି ପ୍ଲାକାର୍ଡଗୁଡିକ ମାଧ୍ୟମ ରେ ସଡକ ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଓଭରଟେକିଂକୁ ଏଡାଇବା, ରେଡ ଲାଇଟ ଉଲ୍ଲଂଘନ ନ କରିବା, ଗାଡି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସକୁ ଏଡ଼ାଇବା ଏବଂ ପ୍ଲାଣ୍ଟ ପରିସର ମଧ୍ୟରେ ଗତି ସୀମା ପାଳନ କରିବା ଭଳି ଗୁରତ୍ୱ ପୂର୍ଣ୍ଣ ସୂଚନା ଦିଆଯାଇଥିଲା।
ଜେନେରାଲ୍ ସିଫ୍ଟ ସମୟରେ ବହୁ କର୍ମଚାରୀଙ୍କ ଗମନାଗମନକୁ ଦୃଷ୍ଟି ରେ ରଖି ଏହି କାର୍ଯ୍ୟକ୍ରମକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା। ଏହି ଅଭିଯାନଟି ସକାଳ ୮.୩୦ ମିନିଟ ରୁ ଆରମ୍ଭ ହୋଇ ସକାଳ ୯.୩୦ ମିନିଟରେ ଶେଷ ହୋଇଥିଲା। ଏହା ଏକତା ଏବଂ ସୁରକ୍ଷା ସଚେତନତା ସନ୍ଦର୍ଭରେ ସର୍ବାଧିକ ପଥଚାରୀଙ୍କର ଦୃଷ୍ଟି ଆକର୍ଷଣ ସୁନିଶ୍ଚିତ କରିଥିଲା।
ସୂଚନାଯୋଗ୍ୟ ଯେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ କରୁଛି। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ବାବୁନି ବେହେରା ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶରତକୁ ବ୍ଲକ ମାନ୍ୟତା ପାଇଁ ଉଠିଲା ଦାବି




ଉଦଳା , ୭/୧ (ନି.ପ୍ର):କପ୍ତିପଦା ବ୍ଲକର ଶରତ ଅଂଚଳକୁ ଲାଗିକରିଥିବା ୯ ଗୋଟି ପଂଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ହେଉ ବୋଲି ଦିର୍ଘଦିନରୁ ଦାବି ହୋଇ ଆସୁଛି । ତେବେ ସରକାର ନିକଟରେ ନୂତନ ବ୍ଲକ ଗଠନ ପାଇଁ ପ୍ରସ୍ତୁତ ହେଉଥିବାର ଖବର ପ୍ରଚାରିତ ହେବା ପରେ ଆଜି ଜାନୁଆରି ୬ ତାରିଖ ସୋମବାର ଦିନ 'ଶରତ ବିକାଶ ମଂଚ' ତରଫରୁ ଏକ ପଦଯାତ୍ରା ବାହାରି ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଛି । ଏଠାରେ ପଦଯତ୍ରୀ ମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଦାବିପତ୍ରରେ ଶରତକୁ ଏକ ବ୍ଲକ ଘୋଷଣା ସହିତ ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇତ୍ୟାଦି ସ୍ଥାପନ ପାଇଁ ଦାବି ଉଲ୍ଲେଖ ରହିଛି । ବିକାଶ ମଂଚର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ଭଞ୍ଜସେନାର ଶାଳପତ୍ର ବ୍ୟବହାର ସଚେତନତା କାର୍ଯ୍ୟକ୍ରମ



ବାରିପଦା , ୭/୧ (ନି.ପ୍ର): ଶାଳପତ୍ର ବ୍ୟବହାରକୁ ବ୍ୟାପକରୁ ବ୍ୟାପକତର କରିବା ପାଇଁ ଆଜି ଭଞ୍ଜସେନା ଅଧକ୍ଷ୍ୟ ସଂଜୀବ ରାଉତଙ୍କ ନେତୃତ୍ୱରେ ଉପାଧକ୍ଷା କନିକା ବୋଷ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଂସଦା, ଜିଲ୍ଲା କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମଙ୍କ ସହିତ ବହୁ ଭଞ୍ଜସେନା କର୍ମୀ ଆଜି ଶ୍ୟାମାଖୁଣ୍ଟା ବ୍ଲକ ସ୍ଥିତ ଲୁଲୁଙ୍ଗ, ସୀତାକୁଣ୍ଡ ଏବଂ ଅନ୍ୟାନ୍ୟ ପିକନିକ ସ୍ଥଳକୁ ଯାଇ ଭୋଜିଭାତ କରୁଥିବା ପର୍ଯ୍ୟଟକ ମାନଙ୍କୁ ତାଙ୍କୁ ପ୍ଲାଷ୍ଟିକ ବଦଳରେ ଶାଳପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନା ପ୍ରଦାନ କରିବା ସହିତ ଭବିଷ୍ୟତରେ ଶାଳପତ୍ର ଜନିତ ସାମଗ୍ରୀ ବ୍ୟବହାର କରିବା ପାଇଁ ନିବେଦନ କରିଥିଲେ। ଶାଳ ପତ୍ରରେ ପ୍ରସ୍ତୁତ ଖଲି ଦୋନା ବ୍ୟବହାର କରିବା ଦ୍ୱାରା କିଭଳି ପରିବେଶ ପ୍ରଦୂଷଣ ରୋକା ଯିବା ସହ ଜଙ୍ଗଲ ସଂଲଗ୍ନ ଗ୍ରାମର ଅଧିବାସୀ ମନେ ଏହାଦ୍ୱାରା ରୋଜଗାର ପାଇବେ ଏବଂ ଆର୍ଥିକ ଅଭିବୃଦ୍ଧି ଘଟିବ ସେ ବିଷୟରେ ପର୍ଯ୍ୟଟକ ମାନଙ୍କୁ ସଚେତନ କରିଥିଲେ।

# ଜୟପୁରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର, ୭/୧ (ନି.ପ୍ର): ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଭି. କୀର୍ତିବାସନଙ୍କ ଦ୍ୱାରା ଅନୁଷ୍ଠି ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, କୋରାପୁଟ, ଉପଜିଲ୍ଲାପାଳ ଜୟପୁର କୁମାରି ଅକାବରମ ଶସ୍ୟା ରେଡ୍ଡୀ, ରବି ନାରାୟଣ ମିଶ୍ର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଜୟପୁର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ୮ ଗୋଟି ଗୋଷ୍ଠିଗତ ସମସ୍ୟା ଓ ୧୯ ଗୋଟି ବ୍ୟକ୍ତିଗତ ସମସ୍ୟା ସମୁଦାୟ ୨୭ ଗୋଟି ବିଭିନ୍ନ ସମସ୍ୟାର ଆଜି ଅଭିଯୋଗ ଶୁଣାଣି ହୋଇଥିଲା । ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ଜମି ବିବାଦ, ରାସ୍ତାଗତ ସମସ୍ୟା, ଆଇନ ଜନିତ ମାମଲା ଓ ବଦଳି ସମସ୍ୟା ଇତ୍ୟାଦି ଓ ଆର୍ଥିକ ସହାୟତା ନିମନ୍ତେ ମଧ୍ୟ ଜିଲ୍ଲାପାଳଙ୍କୁ ସହାୟତା ନିମନ୍ତେ ଜଣାଇ ଥିଲେ । ପୁରୁଣା ବୋରିଗୁମ୍ମା ଗ୍ରାମ ବାସୀ ଚିଟ୍ ଫଣ୍ଡ ଠକେଇ ସମସ୍ୟା ନେଇ ଆସି ଥିଲେ। ୩ ବର୍ଷ ହେବ ଚିଟ ବାନ୍ଧି ଥିବା ଟଙ୍କା ଫେରସ୍ତ ପାଇ ନ ଥିବା ଜିଲ୍ଲାପାଳ ଙ୍କୁ ଜଣାଇ ଥିଲେ। ଜୟପୁର ସମାଜସେବୀ ସୁବାଶ ରାଉତ ଏକ କ୍ରିକେଟ ଖେଳ ପଡିଆ ନିମନ୍ତେ ମଧ୍ୟ ଅନୁରୋଧ କରି ଥିଲେ । ସେହି ପରି ଜୟପୁର ସଦର ମହକୁମା ଠାରେ ଡ୍ରାଇଭିଂ ପ୍ରଶିକ୍ଷଣ ତାଲିମ କେନ୍ଦ୍ର କରିବା ନିମନ୍ତେ ନରସିଂ ଚୌଧୁରୀ ବରିଷ୍ଠ ସାମ୍ବାଦିକ ଅନୁରୋଧ କରି ଥିଲେ ଏହି ପରି ବିଭିନ୍ନ ସମସ୍ୟା ଉପରେ ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ଜୟପୁର, ସବ୍ୟସାଚୀ ଜେନା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା କୃତିବାସ ସାହୁ, ଜିଲା ପଂଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ଦେବୀ ପ୍ରସାଦ ତାଳି, ସର୍ବେଶ୍ୱର ନାୟକ, ରାଜେଶ୍ୱରୀ ଦେବୀ, ଶିରଧର ଖଣ୍ଡପାଣି, ଜୟପୁର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜୟପୁରର କର୍ମକର୍ତା, ବିଦ୍ୟୁତ ବିଭାଗର କର୍ମକର୍ତା, ଅତିରିକ୍ତ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ସୁନିଲ କୁମାର ଜେନା, ଜୟପୁର ଓ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଙ୍କ୍ ଫେଲ୍ : ମୁଖୀଗୁଡା ସବ ପୋଷ୍ଟ ଅଫିସରେ ଡାକ ସେବା ବ୍ୟାହତ

ମୁଖୀଗୁଡା, ୭/୧ (ନି.ପ୍ର): ଲିଙ୍କ୍ ଫେଲ୍ ହେଉଥିବାର ମୁଖୀଗୁଡା ସବ ପୋଷ୍ଟ ଅଫିସରେ ଡାକ ସେବା ବ୍ୟାହତ ହେଉଛି । ଗତ ନଭେମ୍ବର ୪ ତାରିଖରୁ ମୁଖୀଗୁଡା ସ୍ୱପୋଷ୍ଟ ଅଫିସକୁ ଲୋକେ ବିଭିନ୍ନ ସମୟରେ ଆସି ଫେରିବାକୁ ବାଧ ହେଉଛନ୍ତି ପ୍ରାୟତଃ ଲିଙ୍କ ଫେଲ ରହୁଥିବାରୁ ଟଙ୍କା ଜମା, ଉଠାଣ, ନୂତନ ଖାତା ଖୋଲିବା, ସୁକନ୍ୟା ଟଙ୍କା ଜମା, କୋର ବ୍ୟାଙ୍କିଙ୍ଗ ଟ୍ରାଞ୍ଜେକସନ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି । ଜରୁରୀ ପରିସ୍ଥିତିରେ ସବ ପୋଷ୍ଟ ମାଷ୍ଟର ଜୟପାଟଣା ଯାଇ ଲୋକଙ୍କ କାମ କରିବାକୁ ବାଧ ହେଉଥିବା ବେଳେ ସେଠାରେ ବିଭିନ୍ନ ସମୟରେ କମ୍ପୁଟର ଖାଲି ରହୁନଥିବାରୁ ସମସ୍ୟା ସୃଷ୍ଟି ହେଉଛି ।

# ୩୮ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀରେ ସେଲ ରାଉରକେଲା ଇସ୍ପାତ କାରଖାନାର ଗୁଣବତ୍ତା ମଣ୍ଡଳୀ ଦଳଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ




ରାଉରକେଲା, ୭/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ୨୫ ଟି ଗୁଣବତ୍ତା ମଣ୍ଡଳୀ ଦଳ ଗ୍ୱାଲିୟରର ଅଟଳ ବିହାରୀ ବାଜପେୟୀ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ସହଭାଗିତାରେ କ୍ୱାଲିଟି ସର୍କଲ ଫେଡେରେସନ ଅଫ ଇଣ୍ଡିଆ ଦ୍ୱାରା ୨୦୨୪ ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଗ୍ୱାଲିୟରରେ ଅନୁଷ୍ଠିତ ୩୮ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀରେ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ଲୋକଙ୍କ ଠାରେ ନିବେଶ, ଏକ ଉନ୍ନତତର ଭବିଷ୍ୟତର ନିର୍ମାଣ" । ୨୫ଟି ଗୁଣବତ୍ତା ମଣ୍ଡଳୀ ଦଳ ମଧ୍ୟରୁ ୧୬ଟି ଦଳ ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ପାର୍ ଏକ୍ସଲେନ୍ସ ସମ୍ମାନ ଲାଭ କରିଥିଲେ। ଏହି ଦଳ ଗୁଡିକ ହେଉଛି ନୂତନ ପ୍ଲେଟ୍ ମିଲରୁ ତେଜାସ, ଅକ୍ସିଜେନ ପ୍ଲାଣ୍ଟରୁ ସୃଷ୍ଟି, ପ୍ରୟାସ ଓ ଇଗନାଇଟ, ଷ୍ଟିଲ ମେଲ୍ଟିଂ ସପ-୧ରୁ ସମର୍ପଣ, କଞ୍ଚାମାଲ ପ୍ରବନ୍ଧନ ବିଭାଗରୁ ସମ୍ଭବ ଏବଂ ପିନାକଲ, ଆରସିଏଲରୁ ଲକ୍ଷମ, ପାଇପ୍ ପ୍ଲାଣ୍ଟରୁ ଆବିଷ୍କାର, ଇନଷ୍ଟ୍ରୁମେଣ୍ଟେସନ୍ ରୁ ପ୍ରଗତି, ସି ଆଣ୍ଡ ଆଇଟିରୁ ଏକମ, ସିଣ୍ଟରିଂ ପ୍ଲାଣ୍ଟ-୨ରୁ ସୃଜନ, ରୋଲ୍ ସପରୁ ମେଗା ମାଇଣ୍ଡ, ବ୍ଲାଷ୍ଟ ଫର୍ଣ୍ଣେସରୁ ଉତ୍କର୍ଷ, ଏୟାର କଣ୍ଡିସନିଙ୍ଗ ବିଭାଗରୁ ନିଷ୍କର୍ଷ ଏବଂ ଆଇ ଆଣ୍ଡ ଏ ରୁ ପାୟୋନିୟର ଗୁଣବତ୍ତା ମଣ୍ଡଳୀ। ଏକ୍ସଲେନ୍ସ ପୁରସ୍କାର ଲାଭ କରିଥିବା ଅବଶିଷ୍ଟ ୯ ଟି ଦଳ ହେଉଛନ୍ତି ବିଦ୍ୟୁତ ବିତରଣରୁ ଶକ୍ତି, ସିଣ୍ଟରିଂ ପ୍ଲାଣ୍ଟ-୧ରୁ ବିଜେତା, ହଟ୍ ଷ୍ଟ୍ରିପ୍ ମିଲ୍-୨ ପ୍ଲେଟ ମିଲରୁ ଆରୋହଣ, ପ୍ଲେଟ ମିଲରୁ ଡାଇନାମିକ, ପାଇପ୍ ପ୍ଲାଣ୍ଟରୁ ଅଙ୍କୁର, ଏସଏମଏସ-୨ରୁ କ୍ରିଏଟିଭ, କୋକ୍ ଓଭେନରୁ କର୍ମବୀର, ପ୍ଲେଟ ମିଲର ସମୃଦ୍ଧି ଏବଂ କଞ୍ଚାମାଲ ପ୍ରବନ୍ଧନ ବିଭାଗର ଅଗ୍ରଣୀ ।
ଇନଷ୍ଟ୍ରୁମେଣ୍ଟେସନ୍ ର ପ୍ରଗତି ଦଳ ଶ୍ରେଷ୍ଠ ଲାଇଭ୍ ମଡେଲ୍ ପୁରସ୍କାର ଲାଭ କରିଥିଲା। ଆର ଆଣ୍ଡ ସି ଲାବୋରେଟୋରୀ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲା।

# ପ୍ରବାସୀ ଭାରତୀୟ ଦିବସ ଅବସରରେ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତା

ନୂଆପଡ଼ା, ୭/୧ (ନି.ପ୍ର): ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଖଡ଼ିଆଳ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣ ସମାରୋହରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାନ୍ହୁ ଚରଣ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ, ସହକାରୀ ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ, ସିଆରସିସି ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ମଂଚାସୀନ ରହି ପ୍ରବାସୀ ଦିବସର ଆଭିମୁଖ୍ୟ ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଚାରକ ଭାବରେ ଶିକ୍ଷକ ଜୟଦେବ ବେହେରା, ଫକୀର ମୋହନ ମିଶ୍ର, ଚତୁର୍ଭୁଜ ସିଂହ ଦେଓ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଅନୁଷ୍ଠିତ ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ଖୁଦପେଜ୍ ପଂଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ପୋଡ଼, ପୋଷ୍ଟର ପ୍ରତିଯୋଗିତାରେ ଜୟକିଷାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ପ୍ରୟାସ ସୋନି, ଅଷ୍ଟମ ଶ୍ରେଣୀ ପୋଷ୍ଟରରେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ନାନେଶ ଧୀବର, ଉଚ୍ଚ ମାଧ୍ୟମିକ ସ୍ତରରେ ପୋଷ୍ଟର, ଓଡ଼ିଆ କୁଇଜ, ଇଂରାଜୀ କୁଇଜ ଓ ଧୀର ସାଇକେଲ ଚାଳନା ପ୍ରତିଯୋଗିତାରେ ଯଥାକ୍ରମେ ଦିବ୍ୟାସିନୀ ସୁନାନୀ, ଧନମତି ପୋଡ଼, ହରିପ୍ରିୟା କେତକୀ ଓ ପିୟୂଷ କୁମାର ଦଣ୍ଡସେନା ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଲକ୍ଷ୍ମୀ, ମିନତି ଓ ଗଣେଶ



ଉଦଳା , ୭/୧ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ କାଳିଆନ ଚତୁରି ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ଗୁବିନ ସିଂଙ୍କ ସହଧର୍ମିଣି ଲକ୍ଷ୍ମୀ ସିଂ ଓ ତାଙ୍କର ୮ ବର୍ଷ ବୟସର କନ୍ୟା 'ମିନତି', ୬ ବର୍ଷ ବୟସର ପୁତ୍ର 'ଗଣେଶ' ମୋଟ ୩ ଜଣ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଉକ୍ତ ପରିବାର ପାଇଁ ଚାଉଳ ବର୍ତମାନ ଖୁବ ଦରକାରି ହୋଇ ପଡ଼ିଛି । ସମସ୍ତଙ୍କର ଆଧାର କାର୍ଡ଼ ଠିକ୍ ଠାକ୍ ଥିବା ବେଳେ ଉକ୍ତ ପରିବାରକୁ ଚାଉଳ ଯୋଗାଇ ଦେବାରେ କିଛି ଅସୁବିଧା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

ବାସୁଦେବପୁର, ୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣିଡିହି ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଥିଲେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, ସୋସାଇଟି ସଭାପତି ବିଭୁ ସୁନ୍ଦର ସେଠି, ସମ୍ପାଦକ ନରହରି ମାଝି, ଧାନ କିଣା ଅଫିସର ଜ୍ୟୋତ୍ସ୍ନା ରାଣୀ ପରିଡା, ଆର ଆଇ ତୁଷାର ରଞ୍ଜନ ମହାପାତ୍ର, ପି ଇ ଓ ସାଗର ମଲ୍ଲିକ । ସେହିପରି ପଦ୍ମପୁର ସୋସାଇଟିରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଏରିଆ ଅଫିସର ବାବାଜୀ ମଲ୍ଲିକ, ସରପଞ୍ଚ ରାଜେନ୍ଦ୍ର କୁମାର ନାୟକ,ସଭାପତି ପ୍ରତାପ କୁମାର ନାୟକ, ସମ୍ପାଦକ ଅନିରୁଦ୍ଧ ନାୟକ, ଉପ ସଭାପତି ନମିତା ନାୟକ । ଧାନ କିଣା କମିଟି ସଦସ୍ୟ ରମେଶ ଚନ୍ଦ୍ର ବଳ, ସତ୍ୟ ସୁନ୍ଦର ନାୟକ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ହୃଷୀକେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଭିନ୍ନ ଚାଷୀ ଉପସ୍ଥିତ ଥିଲେ । ସେହିପରି ଗୁଆ ଗଡିଆ ପଞ୍ଚାୟତ ର ବୀଣାପଦା ଠାରେ ମାଆ କାଳୀ ସୋସାଇଟିରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କୃଷି ଅଧିକାରୀ ନିହାରିକା ଦଳାଇ, ସଭାପତି ପରମାନନ୍ଦ ଦାସ, ସମ୍ପାଦକ ତନ୍ମୟ କୁମାର ମଲ୍ଲିକ, ସରପଞ୍ଚ ଉମାକାନ୍ତ ମଲ୍ଲିକ ଓ ପଞ୍ଚାୟତ ପି ଇ ଓ ସୁକାନ୍ତି ଦାସ । ସେହିପରି ବିଦେଇପୁର ସୋସାଇଟିରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, କୋପରେଟି ଭ ବ୍ୟାଙ୍କ୍ ମ୍ୟାନେଜର ମହେନ୍ଦ୍ର ପ୍ରସାଦ ନାୟକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟଜିତ ରାଉତ, ସମ୍ପାଦକ ରତିକାନ୍ତ ରାଉତ, ନୋଡାଲ ଅଫିସର ମନୋଜ ବେହେରା । ଧାନ କିଣା କମିଟି ସଦସ୍ୟ ଓ ଚାଷୀ ଭାଇ ଉପସ୍ଥିତ ଥିଲେ । ସେହିପରି ମନ୍ଦାରି ଠାରେ ସୁରେଶ୍ୱର ପୁର ସୋସାଇଟି ରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ସେବା ସମବାୟ ସମିତିର ସଭାପତି ନିର୍ମଳ ମଲ୍ଲିକ ଓ ସମ୍ପାଦକ ମୁକେଶ କୁମାର ମଲ୍ଲିକ । ସମସ୍ତ ଧାନ କିଣା କମିଟି ସଦସ୍ୟ ଓ ଚାଷୀ ଭାଇ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରଘୁରାଜପୁର ଗାଁ ବୁଲିଲେ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୭/୧ (ନି.ପ୍ର): ରଘୁରାଜପୁର ଗାଁ ବୁଲିଲେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର। ପ୍ରବାସୀ ଭାରତୀୟ ଦିବସ ପାଇଁ ପ୍ରସ୍ତୁତ ଐତିହାସିକ ଗାଁ ରଘୁରାଜପୁର। ଓଡ଼ିଶାର ଚିତ୍ରକଳା,ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଏହି ଗାଁ ଆଜି ପ୍ରବାସୀ ଭାରତୀୟ ଦିବସ ପାଇଁ ଖୁବ୍ ଚଳଚଂଚଳ। ଓଡ଼ିଶାକୁ ଆସିଥିବା ଅତିଥି ପ୍ରବାସୀ ମାନଙ୍କୁ ଖୁସି କରିବା ପାଇଁ ରଘୁରାଜପୁର ଗାଁରେ ଆୟୋଜିତ ହୋଇଛି ସ୍ୱତନ୍ତ୍ର ଉତ୍ସବ। କଳାକାର ଓ ଶିଳ୍ପୀ ମାନଙ୍କୁ ନେଇ ଚିତ୍ର କଳା ପ୍ରଦର୍ଶନୀ କରାଯାଇଥିବା ବେଳେ ଲୋକ କଳା ଓ ନୃତ୍ୟ ମାଧ୍ୟମରେ ପ୍ରବାସୀ ମାନଙ୍କୁ ଗାଁରେ ସ୍ୱାଗତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଆଜି ପ୍ରଥମ ଦିନରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଅନ୍ୟ ପ୍ରବାସୀ ମାନେ ପୁରୀ ଜିଲ୍ଲା ମାଳତିପାଟପୁର ପଂଚାୟତ ରଘୁରାଜପୁର ଗାଁରେ ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି।

## ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ

ବାସୁଦେବପୁର, ୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ଠାରେ ସ୍ୱାଧୀନ ବାଞ୍ଛାନିଧି ଚକଲାର ରାଷ୍ଟ୍ରପତି,ଓଡ଼ିଶାର ପ୍ରଖ୍ୟାତ ସ୍ୱାଧିନତା ସଂଗ୍ରାମୀ ତଥା ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଙ୍କ ୨୭ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ଓ ମୁଖ୍ୟ ବକ୍ତା ଭାବେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ବାସୁଦେବପୁର ବ୍ଲକ ର ବରଣ୍ଡୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ମଧ ସମଗ୍ର ଓଡ଼ିଶାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ତାଙ୍କର ସରଳ ଜୀବନ ଯାପନ,ଦେଶ ପ୍ରେମ ଓ ସଂଘର୍ଷ ମୟ ଜୀବନ ସଂମ୍ପର୍କରେ ଆଲୋଚନା କରିଥିଲେ ମାନ୍ୟବର ସାଂସଦ ଓ ବିଧାୟକ । ଏହି




ସଭାରେ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ପରିଡା, ଅବସରପ୍ରାପ୍ତ ଅଧକ୍ଷ କଟ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗଙ୍ଗାଧର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧରେ ଶହୀଦ ତୀର୍ଥଯାତ୍ରା ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା,ବିଶିଷ୍ଟ ଐତିହାସିକ ଓ ଗବେଷକ ଅଜୟ ପଣ୍ଡା, ଶିକ୍ଷାବିତ୍ ଭାଗିରଥୀ ମହାନ୍ତି, କବି ରତ୍ନାକର ବାରିକ୍, ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ର ସମ୍ପାଦକ କୈଳାସ ଚନ୍ଦ୍ର ନାଥ, କବି ଡକ୍ଟର ବସନ୍ତ କୁମାର ଦାସ, ଆଧାତ୍ମିକ ପ୍ରବଚକ ଗୋପାଳ ଚନ୍ଦ୍ର ବେଜ ପ୍ରମୁଖ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଙ୍କ ଜୀବନର ବିଭିନ୍ନ ଦିଗ ସଂମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଉତ୍କଳମଣି ଗୋପବନ୍ଧୁ, ଭାରତ ଛାଡ ଆନ୍ଦୋଳନର ପ୍ରଥମ ମହିଳା ଶହୀଦ ପରି ବେଓ୍ୱା , ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀ, ସଂଗ୍ରାମୀ କମଳା ପ୍ରସାଦ କର ପ୍ରମୁଖ ଙ୍କ ସମ୍ପର୍କରେ ସଂକ୍ଷିପ୍ତ ରେ ଆଲୋଚନା ହୋଇଥିଲା । ସମସ୍ତେ ରକ୍ତତୀର୍ଥ ଇରମ ଗୁଳିକାଣ୍ଡ ରେ ଶହୀଦ ହୋଇଥିବା ଅମର ଶହୀଦ ଙ୍କ ସମାଧି ପୀଠରେ ଓ ଶହୀଦ ସ୍ମୃତି ସ୍ତମ୍ଭ ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବରେ ଶିକ୍ଷାବିତ୍ ପଦ୍ମନାଭ ଦାଶ , ଗଙ୍ଗାଧର ଘଡ଼େଇ,ରତିକାନ୍ତ ପତି, ରତିକାନ୍ତ ରାୟ, ଗଣେଶ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପ୍ରସାଦ ସାହୁ, ଶିଳ୍ପପତି ମହେଶ ଦାସ,କବି ପ୍ରହ୍ଲାଦ ବାରିକ, ଯାମିନିକାନ୍ତ ପାଢ଼ୀ, ବେତଡ଼ା ପ୍ରଶାନ୍ତି ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ପୂର୍ବତନ ସରପଞ୍ଚ ଅନନ୍ତ ପ୍ରସାଦ ପୋଇ, ଚିତ୍ରଶିଳ୍ପୀ ସୁବାସ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଚଣ୍ଡ, ହରି ଶଙ୍କର ପଟ୍ଟନାୟକ,ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି ଙ୍କ ପୁତ୍ର ଜୀବନ ମହାନ୍ତି, ନାତି ଅଭିଷେକ ଅଭିନନ୍ଦନ ମହାନ୍ତି,ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ସୁପୁତ୍ର ମାନସ ରଞ୍ଜନ ମହାନ୍ତି ଓ ପୁତ୍ର ବଧୂ ରେଖା ମହାନ୍ତି ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶହୀଦ ତୀର୍ଥଯାତ୍ରୀ, ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏହି ଶ୍ରାଦ୍ଧ ଉତ୍ସବ ରକ୍ତତୀର୍ଥ ଇରମ ଠାରେ ଅନୁଷ୍ଠିତ ହୋଇ ଥିଲା । ଶିକ୍ଷାବିତ୍ ଦୁଃଶାସନ ରାଉତ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନକଲ୍ୟାଣକାରୀ ସଂଗଠନ 'ସହାୟକ' ପକ୍ଷରୁ ବନ୍ଧୁମିଳନ ଓ ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର, ୭/୧ (ନି.ପ୍ର): ବାଲେଶ୍ୱରର ଏକ ପ୍ରମୁଖ ଜନକଲ୍ୟାଣକାରୀ ସଂଗଠନ 'ସହାୟକ' ତରଫରୁ ଡଗରାସ୍ଥିତ ବେଳାଭୂମିରେ ମାସିକିଆ ବୈଠକ ସହ ଏକ ବନ୍ଧୁମିଳନ ଉତ୍ସବ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ସହାୟକ' ଦୀର୍ଘ ୧୮ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବୃକ୍ଷରୋପଣ, ରକ୍ତଦାନ ଶିବିର, ପାନୀୟ ଜଳଦାନ, ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ, ପୁଅଝିଅଙ୍କ ବାହାଘର ପାଇଁ ସାହାଯ୍ୟ, ଦରିଦ୍ରନାରାୟଣ ସେବା, ଗରିବ ଓ ମେଧାବୀ ପିଲାମାନଙ୍କୁ ସହାୟତା ଓ ଗରିବ ଲୋକଙ୍କ ଚିକିତ୍ସା ପାଇଁ ସାହାଯ୍ୟ ପ୍ରଭୃତି ଜନହିତକର କାର୍ଯ୍ୟ କରିଆସୁଛି। ଆଜିକାର ଏହି ଉତ୍ସବରେ ସାଧାରଣ ସଂପାଦକ ଇଂ. ଡ. ହୃଷିକେଶ ସାହୁ ବିବରଣୀ ପ୍ରଦାନ କରିଥିବାବେଳେ ଆସନ୍ତା ୨୩-୦୧-୨୦୨୫ ଗୁରୁବାର ଅପରାହ୍ନ ୧୦ଟାବେଳେ ବାଲେଶ୍ୱରସ୍ଥିତ ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘଗୃହରେ ପ୍ରତିବର୍ଷ ଭଳି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ସମସ୍ତ ସଭ୍ୟସଭ୍ୟା ତଥା ଜନସାଧାରଣ ରକ୍ତଦାନ କରି ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। କୋଷାଧ୍ୟକ୍ଷ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପ୍ରାକ୍ତନ ସଭାପତି ଓ ଉପଦେଷ୍ଟା ଇଂ.




ବନମାଳୀ ନାୟକ, ଦିବାକର ମହାପାତ୍ର, କଲ୍ୟାଣୀ ନନ୍ଦ, ପ୍ରତିମା ପଣ୍ଡା, ସଂଗୀତ ପରିବେଷଣ କରି ପରିବେଶକୁ ଆନନ୍ଦମୁଖର କରିଥିଲେ। ନୂତନଭାବେ ପୃଷ୍ଠପୋଷକତା ଗ୍ରହଣ କରିଥିବା ଶ୍ରୀମତୀ ଅବନ୍ତୀ ପ୍ରଧାନ ଓ ସୁକୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିବାବେଳେ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଗୁଣାକର ଦେ'ଙ୍କ ପରିଚାଳନାରେ ୫୦ରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଯୋଗଦେଇ ଆମୋଦ ପ୍ରମୋଦରେ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଡଗରା ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ୩୦ଜଣ ଗରିବ ତଥା ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ଓ ଖାଦ୍ୟ ସାମଗ୍ରୀ 'ସହାୟକ' ତଥା ଯଶୋଦା ନନ୍ଦନ ଆଶ୍ରଙ୍କ ସହାୟତାରେ ପ୍ରଦାନ କରାଯାଇଥିଲା। ଏଥିରେ ଇଂ. ଶ୍ରୀରାମ ପ୍ରସାଦ ଦାଶ, ଡ. ଯଦୁନାଥ ମିଶ୍ର, ଅମିତା ଦାଶ, ପୁଷ୍ପଲତା ମହାନ୍ତି, ହରିଶ୍ଚନ୍ଦ୍ର ସାହୁ, ରବିନାରାୟଣ ଭୋଳ, କେଶବ ଚନ୍ଦ୍ର ମହାନ୍ତି, ଡ. ତାରାକାନ୍ତ ନନ୍ଦ, କାମିନୀକାନ୍ତ ପାଢ଼ୀ, ସାବିତ୍ରୀ ଦାସ, ଶଶାଙ୍କ ଶେଖର ଦେ, ପ୍ରସନ୍ନ କୁମାର ପାଢ଼ୀ, ସଂଜୟ କୁମାର ପଣ୍ଡା, ବେଣୁଧର ସାହୁ, କ୍ଷେତ୍ରମୋହନ ନାୟକ, ରବି କୁମାର ପାଣିଗ୍ରାହୀ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଏହି ବନ୍ଧୁମିଳନ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

Office of the Superintending Engineer,
Betnoti Canal Division, Laxmiposi,
Mayurbhanj, Odisha.
Email ID-eebcd.laxmiposigamail.com
***
QUOTATION CALL NOTICE NO. 27/2024-25

Superintending Engineer, Betnoti Canal Division, Laxmiposi, Dist -Mayurbhanj, invites Sealed Quotations in plain paper from reputed and registered Firm/Agency for "Procurement of D.G.Set for Administrative Building of Subarnarekha & Budhabalanga Basin, Laxmiposi for the year 2024-25."

The detailed information of the work, quantity and specification of items can be obtained from the Office of the undersigned during office hour. Quotation will be received from 09.01.2025 at 10.00 AM to 3PM of 18.01.2025 and will be opened on 18 .01.2025 at 4.00 PM.

The quotation should be attached with Security Deposit mentioned in below at (column-4) in shape of Post Office Savings Bank Account/Post Office Time Deposit Account/KVP/ N.S.C/ deposit receipt from any nationalized bank duly pledged in favour of Divisional Officer i.e. Superintending Engineer, Betnoti Canal Division, Laxmiposi, GST registration certificate, PAN Card, Registration certificate of the firm/Agency.

The sealed quotation should be dropped in the specified box kept in the office of the Superintending Engineer, Betnoti Canal Division, Laxmiposi.

The single quotation received will be cancelled without opening of the quotation.

If the office happens to be holiday on the last date of receipt of quotation, then the quotation should be received and opened on the next working day up to/on the same time.

The authority reserves the right to reject any or all the quotations without assigning any reason thereof.

| Sl.No. | Name of the work | Estimated amount | Security Deposit | Scope of Work | Completion Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Procurement of D.G.Set for Administrative Building of Subarnarekha & Budhabalanga Basin, Laxmiposi for the year 2024-25. | 9,16,976/- | Rs. 9170.00 /- | Supply of material as per specification available in Annexure-I | 10(Ten days) |

OIPR: 32272/11/0007/2425

Superintending Engineer,
Betnoti Canal Division,
SIP,Laxmiposi.

## ଆମେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଆପଣେଇ ପାରିଲେ ଭାରତ ବିଶ୍ୱଗୁରୁ ମର୍ଯ୍ୟାଦା ପାଇ ପାରିବ

ଭଦ୍ରକ, ୭/୧ (ନି.ପ୍ର): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚ୍ଛର ୨୫ତମ ବାର୍ଷିକ ପ୍ରତିଷ୍ଠା ସ୍ମାରକୀ ସମାରୋହ ଓ ନେତଉଡାଣ ଉତ୍ସବର ଅପରାହ୍ନ ଦଧିବେଶନ ଦିବା ୨ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହା ଆଧାତ୍ମିକ ସଭାରେ ସମିତିର ମୁଖ୍ୟ ପରିଚ୍ଛଳକ ପ୍ରଃ ଭାଗୀରଥି ନନ୍ଦଶର୍ମା ଅଧକ୍ଷତା କରିଥିଲେ ମୁଖ୍ୟ ବକ୍ତା ଭାବରେ ଅଧାପକ ଡଃ ନନ୍ଦକିଶୋର ସାହୁ, ସମ୍ମାନୀତ ଅତିଥି ଭାବରେ କୃପାସିନ୍ଧୁ ନାୟକ, ଡଃ ଅନିଲ କୁମାର ଦାଶ, ଡଃ କୈଳାସ ଦାସ, ସୁଦର୍ଶନ ପାତ୍ର, ବାବୁଲା ଦାସ, କାହ୍ନୁଚରଣ ଦାସ, ସନାତନ ସାହୁ ପ୍ରମୁଖ ବକ୍ତାକ୍ଷଣ ଯୋଗଦାନ କରି ନିଜ ନିଜ ରଖିଥିଲେ। ଶ୍ରୀଜଗନ୍ନାଥ ସାଂସ୍କୃତିକୁ ଆପଣେଇ ପାରିଲେ ଭାରତ ଦିନେ ନା ଦିନେ ବିଶ୍ୱଗୁରୁର ଅକ୍ଷା ଲାଭ କରିପାରିବ ବୋଲି ଆଶ ରହିଛି। ଧର୍ମକୁ ନା ପସନ୍ଦ କରୁଥିବା ପାଶ୍ଚାତ୍ୟ ରାଷ୍ଟ୍ର ଗୁଡ଼ିକରେ ଶ୍ରୀ ଜଗନ୍ନାଥ ମନ୍ଦିର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ଓଡ଼ିଶା ପାଇଁ ଏକ ଗର୍ବ ଗୌରବ ବିଷୟ ବୋଲି ବକ୍ତାଗଣ ନିଜବକ୍ତବ୍ୟରେ ସୁଚ୍ଛଇଥିଲେ। ବୈଠକ ପ୍ରାରମ୍ଭରେ ସୁଶ୍ରୀକଣ୍ଠ ଶିଳ୍ପୀ ଶ୍ରୀମତୀ ଶଶୀକଳା ମିଶ୍ର ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଶଗଣ କରିଥିଲେ। ସହ ଆବାହକ ଶ୍ରୀ ବାବୁଲାଲ ଦାସ ଅତିଥିମାନଙ୍କୁ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ। ମୁଖ୍ୟ ଅବାହକ ସମିତିର ବିବରଣୀ ପ୍ରଦାନ କରିଥିଲେ। ବୈଠକ ପୂର୍ବରୁ ସାମ୍ବାଦିକ ଶ୍ରୀଯୁକ୍ତ ରବିନାରାୟଣ ମିଶ୍ର, ନିରୁପମା ପଣ୍ଡା ପ୍ରମୁଖ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଶ୍ରଦ୍ଧା ଅର୍ପଣ କରିଥିଲେ। ସମିତିର ବାର୍ଷିକ ମୁଖ୍ୟତ୍ର "ନୀଳକନ୍ଦର" ପ୍ରତିଭାକୁ ମୁଖ୍ୟ ପରିଚ୍ଛଳକ ପ୍ର. ନନ୍ଦଶର୍ମା ଉନ୍ମୋଚନ କରିଥିଲେ। ସହ ପରିଚ୍ଛଳକ ଶ୍ରୀ ସୁଦର୍ଶନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଫେବୃଆରୀ ୫ରେ...

୨୦୨୫ ଫେବୃଆରୀ ୨୩ରେ ଦିଲ୍ଲୀ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ନୂଆ ସରକାର ଗଠନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ୭୦ଟି ଆସନରେ ଭୋଟିଂ ପାଇଁ ମୋଟ ୧୩୦୦୩ଟି ପୁଲିଂ ଷ୍ଟେସନର ବ୍ୟବସ୍ଥା କରାଯିବ। ଏହା ମଧ୍ୟରେ ୨୧୦ଟି ମଡେଲ ପୁଲିଂ ଷ୍ଟେସନ, ୭୦ଟି ପୁଲିଂ ଷ୍ଟେସନ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୭୦ଟି ପୁଲିଂ ଷ୍ଟେସନର ବ୍ୟବସ୍ଥା କରାଯାଉଥିବା ସେ ସୂଚନା ଦେଇଛନ୍ତି। ଶାସକ ଆପକୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ଓ କଂଗ୍ରେସ ଏଥର ଜୋରଦାର ଉଦ୍ୟମ କରିବେ। ୨୦୧୫ରେ ଆପ୍ ରେକର୍ଡ ୬୭ଟି ଓ ୨୦୨୦ରେ ୬୨ଟି ଆସନ ଜିତିଥିଲା। ଉଭୟ ନିର୍ବାଚନରେ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲା। ଏଥର ଦଳ ଭଲ ପ୍ରଦର୍ଶନ କରିବାର ଆଶା ରଖିଛି। ସେହିପରି ଦୀର୍ଘ ୨୬ ବର୍ଷ ଧରି ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିପାରି ନାହିଁ। ୨୦୧୪ ଓ ୨୦୧୯ରେ ସାରା ଦେଶରେ ମୋଦି ଲହରୀ ଦେଖିବାକୁ ମିଳିଥିଲା। କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଉପରେ ଏହାର କୌଣସି ପ୍ରକାରର ପ୍ରଭାବ ପଡ଼ି ନଥିଲା। ୨୦୨୪ରେ ମଧ ବିଜେପି ନେତୃତ୍ୱାଧୀନ ଏନଡିଏ କେନ୍ଦ୍ରରେ କ୍ଷମତା ଦଖଲ କରିଛି। ଏଥର ଏହାର ପ୍ରଭାବ ପଡୁଛି କି ନାହିଁ, ସେକଥା ଫେବୃଆରୀ ୮ରେ ଜଣାପଡ଼ିବ।

## ଦିନକରେ ଏକକାଳୀନ...

ସେହିପରି ଅନୁଗୁଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ଅଫିସର ହେମନ୍ତ କୁମାର ସିଂଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତୋଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ, ଲଙ୍କେଶ୍ୱର ଅମାତଙ୍କୁ ରାଉରକେଲା ଉନ୍ନୟନ ପ୍ରାଧିକରଣର ସଚିବ, ନବୀନ ଚନ୍ଦ୍ର ନାଏକଙ୍କୁ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ, ଦୌଲତ ଚନ୍ଦ୍ରକାରଙ୍କୁ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ସଚିବ, ଶୁଭେନ୍ଦ୍ର କୁମାର ସାମଲଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ଲଗ୍ନଜିତ୍ ରାଉତଙ୍କୁ ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରୋଜିନା ପରିଡ଼ାଙ୍କୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ, ଅଜାମ୍ବର ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜେନ୍ଦ୍ର ମିଞ୍ଜଙ୍କୁ ଦେବଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶୋକ କୁମାର ଭୋଇଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ମିଶ୍ରଙ୍କୁ ଉତ୍ତରାଂଚଳ ଆରଡିସି କାର୍ଯ୍ୟାଳୟରେ ଅତିରିକ୍ତ ସଚିବ, ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପୁରୀ ଅତିରିକ୍ତ ଜିଲ୍ଲାପାଳ, ମାୟାଧର ବେହେରାଙ୍କୁ ଅନୁଗୁଳ ଉପଜିଲ୍ଲାପାଳ, ଶିବାନନ୍ଦ ସ୍ୱାଇଁଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ, ଦିଲ୍ଲୀପ କୁମାର ମହାରଣାଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ସୁଶାନ୍ତ କୁମାର ପତିଙ୍କୁ ଗଜପତି ଅତିରିକ୍ତ ଜିଲ୍ଲାପାଳ, ଦିପ୍ତିରଞ୍ଜନ ସେଠୀଙ୍କୁ ଢେଙ୍କାନାଳ ଜିଲ୍ଲା ପରଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବରଣ୍ୟେନ୍ଦୁ ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଶ୍ୱଜିତ୍ ବର୍ମନଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ, ସଂଯୁକ୍ତା ମାଝୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ, ଈଶ୍ୱରଚନ୍ଦ୍ର ନାଏକଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ, ବେଣୁଧର ଶବରଙ୍କୁ କୋରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବଦତ୍ତ ମହାନ୍ତଙ୍କୁ ଅନୁଗୁଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଭାସ କୁମାର ବେହୁରାଙ୍କୁ ହିନ୍ଦୋଳ ଉପଜିଲ୍ଲାପାଳ,ରବୀନ୍ଦ୍ର କୁମାର ପଟେଲଙ୍କୁ ପାଲଲହଡ଼ା ଉପଜିଲ୍ଲାପାଳ, ଦୟାସିନ୍ଧୁ ପରିଡ଼ାଙ୍କୁ ବାରିପଦା ଉପଜିଲ୍ଲାପାଳ, ପଦ୍ମଚରଣ ସାହୁଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳ,ଶିବାଶୀଷ ବରାଳଙ୍କୁ ଛତ୍ରପୁର ଉପଜିଲ୍ଲାପାଳ, ପ୍ରେମଲାଲ ହିଆଲଙ୍କୁ କୋରାପୁଟ ଉପଜିଲ୍ଲାପାଳ ଓ ସ୍ନେହପ୍ରଭା ମାଝୀଙ୍କୁ କୋରାପୁଟ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ବରିଷ୍ଠ ଓଏଏସ୍ ଅନିରୁଦ୍ଧ ପ୍ରଧାନଙ୍କୁ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ, ପ୍ରମୋଦ କୁମାର ପୃଷ୍ଟିଙ୍କୁ କଟକ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ନିହାର ରଞ୍ଜନ କହଁରଙ୍କୁ ରାୟଗଡା ଅତିରିକ୍ତ ଜିଲ୍ଲାପାଳ, ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରବୀନ୍ଦ୍ର କୁମାର ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ପ୍ରବୀଣ କୁମାର ବଣୁଆଙ୍କୁ ବୌଦ୍ଧ ଉପଜିଲ୍ଲାପାଳ, ଅରୁଣ କୁମାର ନାୟକଙ୍କୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଯୋଗରଞ୍ଜନ ନାୟକଙ୍କୁ ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଓ ଜଗଦୀଶ ଷଡ଼ଙ୍ଗୀଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ ଭାବେ ବଦଳି ହୋଇଛି ।

## ଓୟୁଜେ ନବବର୍ଷ ...

ପ୍ରେସ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି, କବି ପ୍ରଶାନ୍ତ ଦାସ,ସମାଜ ଉତ୍ତର ଓଡ଼ିଶା ସଂସ୍କରଣର ବ୍ୟୁରୋ ମୁଖ୍ୟ ଶଶୀ ରଞ୍ଜନ ମଲ୍ଲିକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା କୋଷାଧ୍ୟକ୍ଷ ସୁରେଶ ଦାସ, ବାହାନଗା ବ୍ଲକ ସଂଯୋଜକ ସୋମନାଥ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ଶେଷରେ ଟାଉନ ସଂଯୋଜକ ଅଜିତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ନନ୍ଦ କିଶୋର ସାହୁ, ସୁଶାନ୍ତ କୁମାର ବେହେରା, ଦେବବ୍ରତ ପାଣିଗ୍ରାହୀ, ବାସୁଦେବ ରାଉଳ, କଞ୍ଚମଣି ସ୍ୱାଇଁ, ଯଦୁନାଥ ଗିରି, କମଳାକାନ୍ତ ନାୟକ, ଗୟାଧର କର, ସେକ ନଜୀମ, ଅଜୀମ ବାଲେଶ୍ୱରୀ, ରମଣୀ ରଂଜନ ଦାସ, ଗୁରୁ ପ୍ରସାଦ ବାରିକ, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପ୍ରବାସୀ ...

ବ୍ୟାପାର ମନ୍ତ୍ରୀଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ପରେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସମ୍ଭାବନା ନେଇ ହେବ ଆଲୋଚନା। ୯ ତାରିଖ (ଗୁରୁବାର) ଆନୁଷ୍ଠାନିକ ଭାବେ ଏହି ସମ୍ମିଳନୀକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାପରେ ବିକଶିତ ଭାରତ ୨୦୪୭ ସଂପର୍କରେ ପ୍ରବାସୀଙ୍କ ସହ ଆଲୋଚନା କରିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହା ସହ ବିଭିନ୍ନ ପ୍ଲେନାରୀ ସେସନରେ ଦେଶର ବିଶେଷ ବ୍ୟକ୍ତି ବିଶେଷମାନେ ପ୍ରବାସୀଙ୍କ ସହ ଆଲୋଚନା କରିବେ। ୧୦ ତାରିଖ ଦିନ କାର୍ଯ୍ୟକ୍ରମରେ ଯୋଗ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଶେଷ ଦିନରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କର ମଧ ଏକ ସେସନ ରହିବ। ସେହିପରି ପ୍ରତି ସନ୍ଧ୍ୟାରେ ଆୟୋଜିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରବାସୀଙ୍କ ଆତିଥ୍ୟ ପାଇଁ ପୂରା ପ୍ରସ୍ତୁତ ରାଜ୍ୟ ସରକାର। ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର କରୁଛନ୍ତି ଆୟୋଜନ। ଏ ସବୁ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି ଆଉ ପରମ୍ପରାର ପ୍ରସାର ଉଦ୍ଦେଶ୍ୟ ରହିଛି। ଏକାମ୍ର ପାର୍କରେ ଆୟୋଜନ ହୋଇଛି ୫ ଦିନିଆ ପୁଷ୍ପ ପ୍ରଦର୍ଶନୀ।

## ଜିଲ୍ଲାପାଳଙ୍କୁ ଦିଆଯାଇଛି ...

୭୫୦୦ଟଙ୍କା କ୍ଷତିପୂରଣ ଦିଆଯିବ । ଭାଗଚାଷୀଙ୍କ ପାଇଁ କୌଣସି ଆଇନ ନାହିଁ । ଆଗାମୀ ଦିନରେ ଆଇନ ଆସିବ କି ନାହିଁ ସେବାବଦରେ ଅଂଶୀଦାରମାନଙ୍କ ସହ ଆଲୋଚନା କରାଯିବ ଓ ଏ ଦିଗରେ ବିତର୍କର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଅଦିନିଆ ବର୍ଷାରେ ଧାନ, ପନିପରିବା, ଚିନାବାଦାମ ଓ କପା ଆଦି ଫସଲ ନଷ୍ଟ ହୋଇଛି । ୧୬ଟି ଜିଲ୍ଲାର ପ୍ରାୟ ୬ଲକ୍ଷ ୬୬ହଜାର ୭୨୦ଜଣ ଚାଷୀଙ୍କର ୨ଲକ୍ଷ ୨୬ହଜାର ୭୯୧ ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାରେ ସରକାର କାହିଁକି ବିଳମ୍ବ କରୁଛନ୍ତି ବୋଲି କହି ବିଜେଡି କଡ଼ା ସମାଲୋଚନା କରିଥିଲା । ବିଜେଡି ବିଧାୟକ ସାରଦା ନାୟକ କହିଥିଲେ ଯେ, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିଲା ନାହିଁ । ସରକାର ସହାୟତା ଦେବାକୁ ଘୋଷଣା କରିଥିଲେ କିନ୍ତୁ ଏବେ ସେକଥା ପାଳନ କରୁନାହାନ୍ତି । ଏ କେବଳ କଥାକୁହା ସରକାର । ସରକାର ଠିକରେ ଚାଲୁନାହିଁ ବୋଲି ଏଥିରୁ ସ୍ପଷ୍ଟ । ତେବେ ବିଜେଡିକୁ ପାଲଟା ଜବାବ ଦେଇ ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ କହିଛନ୍ତି ଯେ,ବିଜେଡି ଶାସନରେ ଚାଷୀ ଅଧିକ ଠକାମିର ଶିକାର ହୋଇଛନ୍ତି ।

## ମହାଠକ ହଂସିତାଙ୍କ ...

ଅଫିସରେ ଚଢ଼ାଉ କରିଛି ଆୟକର ଟିମ୍। ଭୁବନେଶ୍ୱର, ଦିଲ୍ଲୀ, ଝାଡ଼ଖଣ୍ଡର ୧୨ଟି ସ୍ଥାନରେ ଏକକାଳୀନ ଚାଲିଛି ରେଡ୍ । ଆକାଉଣ୍ଟ ଟ୍ରାଞ୍ଜାକ୍ସନ୍‌ର ଖୋଳତାଡ଼ କରୁଛି ଆୟକର ଟିମ୍ । ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତି ପତିପତ୍ନୀ ହୋଇ ନ ଥିବା ବେଳେ ଉଭୟ କିନ୍ତୁ ଦୀର୍ଘ ଦିନ ହେଲା ନିଜକୁ ପତିପତ୍ନୀର ପରିଚୟ ଦେଇ ରଘୁନାଥପୁରର ଏକ ହାଇପ୍ରୋଫାଇଲ୍ ଆପାର୍ଟମେଣ୍ଟରେ ରହୁଥିଲେ। ପିଏମଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ବୋଲି ମିଛ ପରିଚୟ ଦେଇ ଚଳାଇଥିଲେ ମିଶନ ମହାଲୁଟ୍। ଏମାନେ କେଉଁଠି ମୁଖ୍ୟ ଶାସନ ସଚିବଙ୍କ ସହ ତ ଆଉ କେଉଁ ପୂର୍ବତନ ଉଇଏ ଗିରୀଷ ମୁର୍ମୁଙ୍କ ସହିତ ଫଟୋ ଏଡିଟ୍ କରି ରଖିଛନ୍ତି। ସେହି ସବୁ ଫଟୋକୁ ଅସ୍ତ୍ର କରି ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚା ମାଲ ଯୋଗାଣ ପାଇଁ ଖଣି ମାଲିକଙ୍କୁ ଟେଣ୍ଡର ଦେବା, ବିଲଡରଙ୍କୁ ଜମି, ପ୍ଲଟ ସହ ବିଲଡିଂ ଆପ୍ରୁଭାଲ୍ କରାଇବା ଆଦିର ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଚୁନା ଲଗାଇ କୋଟି କୋଟି ଟଙ୍କା ଠୁଳ କରିଥିଲେ। ଗତ ଜାନୁୟାରୀ ମାସରେ ଅନୀଲଙ୍କ ଜନ୍ମ ଦିନରେ ତାଙ୍କୁ ୪ କୋଟି ୩୦ ଲକ୍ଷ ଟଙ୍କାର କାର ଗିଫ୍ଟ ଦେଇଥିଲେ ହଂସିତା । ଉକ୍ତ ଟଙ୍କାକୁ ସେ କ୍ୟାସ୍ ଆକାରରେ ଦେଇଥିଲେ। ଏହାକୁ ନେଇ ସେ ଆୟକର ବିଭାଗ ଓ କମିଶନରେଟ ପୁଲିସ୍ ନଜରକୁ ଚାଲି ଆସିଥିଲେ। ଏହାପରେ ପୁଲିସ୍ ଉଭୟଙ୍କୁ ବାନ୍ଧି ଜେଲ୍‌ରେ ଭର୍ତ୍ତି କରିବା ସହ ସେମାନଙ୍କ ଠକେଇ ଚେର କେତେ ଦୂର ଲମ୍ବିଛଇ ତାହାର ତଦନ୍ତ କରୁଛି। ଏପରିକି ଆଉ କିଏ କିଏ ଏହି ଠକେଇର ମାୟାଜାଲରେ ପଡ଼ିଛନ୍ତି ତାହାର ବି ତଦନ୍ତ କରୁଛି ପୁଲିସ୍।

## ବର୍ଷ ଆରମ୍ଭରୁ ଭୟଙ୍କର...

ଏହି ଭୂମିକମ୍ପର ପ୍ରଭାବ ନେପାଳ, ଭୁଟାନ ସମେତ ଭାରତର ବିହାର, ସିକ୍କିମ୍, ଆସାମ ଓ ଉତ୍ତର ପଶ୍ଚିମବଙ୍ଗ ଅଞ୍ଚଳରେ ବି ଅନୁଭୂତ ହୋଇଥିଲା । ବିହାରର ମୋତିହାରି ଓ ସମସ୍ତିପୁର ସମେତ ବିଭିନ୍ନ ଅଞ୍ଚଳରେ ସକାଳ ୬ଟା ୪୦ ବେଳକୁ ଲୋକ ଝଟକା ଅନୁଭୂତ କରିଥିଲେ। ସେହିପରି ଏହି ଭୂମିକମ୍ପ ଯୋଗୁ ନେପାଳରେ ଅତି କମ୍‌ରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ନେପାଳର ରାଜଧାନୀ କାଠମାଣ୍ଡୁରେ ପ୍ରବଳ କମ୍ପନ ଅନୁଭବ କରିବା ପରେ ଲୋକମାନେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ।

## କାନ୍ଥରୁ ହଜିଯିବ ବିଜୁ ...

ଗୃହ ଯୋଜନା'। ସୂଚନା ଅନୁସାରେ, ପଂଚାୟତିରାଜ ବିଭାଗ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଚୂଡାନ୍ତ ରୂପରେଖ ସରିଛି । ଡ୍ରାଫଟ ବି ପ୍ରସ୍ତୁତ ହୋଇସାରିଛି । ଏହା ଉପରେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ମୋହର ମାରିପାରନ୍ତି । ଏବେ ଆସନ୍ତୁ ଜାଣିବା 'ଅନ୍ତ୍ୟୋଦୟ ଗୃହ ଯୋଜନା କ'ଣ ? ବିଜୁ ପକ୍କାଘର ଯୋଜନାର ଅସଂପୂର୍ଣ୍ଣ କାମକୁ ଏହି ଯୋଜନାରେ ସମ୍ପୂର୍ଣ୍ଣ କରାଯିବ । ସେପଟେ ନୂଆ ଯୋଜନାକୁ ନେଇ ରାଜନୀତି ଆରମ୍ଭ ହୋଇଛି । 'ଅନ୍ତ୍ୟୋଦୟ ଗୃହ ଯୋଜନା' ପାଇଁ ମୋଟ ୨୫ଶହ କୋଟିର ବ୍ୟୟ ଅଟକଳ ହୋଇଥିବାବେଳେ ୨୦୨୪-୨୦୨୫ରେ ୧୦୦ କୋଟି ଟଙ୍କାର ବଜେଟ୍ ମଞ୍ଜୁର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ମୋହର ପରେ ଯୋଜନା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।

## ଖଇରାରେ ସକ୍ରିୟ ହୋଇ ପଡିଛନ୍ତି ଗୋରୁ ମାଫିଆ: କେନାଲ ରାସ୍ତା ଦେଇ ପଶ୍ଚିମବଙ୍ଗ ଚାଲାଣ

ଖଇରା, ୭/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଗୋରୁ ମାଫିଆ ମାନେ ଏବେ ସକ୍ରିୟ ହୋଇ ପଡିଛନ୍ତି । ଖାଲି ଯେ ଖଇରା ଅଞ୍ଚଳ ବିଭିନ୍ନ ଗାଁ ଗହଳିରୁ ଗୋରୁ ବାଙ୍ଗଲାଦେଶ ଚାଲାଣ ହେଉଛନ୍ତି ତା ନୁହେଁ । ବରଂ ଭଦ୍ରକ ବାରିକପୁର ଅଞ୍ଚଳର ଗୋ-ମାଫିଆ ମାନେ ବେଆଇନ ଗୋରୁ ଗାଡି ଚାଲାଣ ପାଇଁ ଖଇରା ର କିଛି ଗାଁ ଓ ରାସ୍ତା କୁ ବ୍ୟବହାର କରି ଶହ ଶହ ସଂଖ୍ୟାର ପିକଅପ,ଟ୍ରକ ରାତି ଅଧିଆ ପାର କରୁଛନ୍ତି । ବିସ୍ମୟର କଥା ଯେ ଏହି ମାଫିଆଙ୍କ ପଛରେ କିଛି ଜଣେ ପୋଲିସ ଡ୍ରାଇଭରଙ୍କ ପ୍ରଚ୍ଛନ୍ନ ହାତ ରହିଛି । ଗୋରୁ ଗାଡି ଗୁଡିକୁ ପାର କରିବାରେ ଏହି ନେତା ଓ ପୋଲିସ କର୍ମଚାରୀ ସୁରକ୍ଷା ଦେଉଥିବା କୁହାଯାଉଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ବେଆଇନ ଗୋରୁ ଚାଲାଣ ରୋକିବାକୁ ଖଇରା ବ୍ଲକର ୩୭ ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି । ପୂର୍ବରୁ ଖଇରା ବ୍ଲକର କିଛି ଗୋରୁ ହାଟରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଗୋରୁ କିଣା ବିକା କରୁଥିଲେ । ଗୋରୁ ମାନଙ୍କୁ ଚଲାଇ ଚଲାଇ ନେବା ଆଣିବା କରୁଥିଲେ । ଧିରେ ଧିରେ ଗୋରୁ ମାନଙ୍କୁ ପିକଅପ ଗାଡିରେ ଦୁର ଦୁରାନ୍ତରୁ ନେବା ଆଣିବା ଆରମ୍ଭ ହୋଇଥିଲା । ଗୋଟିଏ ଗୋଟିଏ ଗାଡିରେ ମାଲ ବୋଝେଇ କଲାଭଳି ୭ରୁ ୮ଟି ଗୋରୁ ବୋଝେଇ କରି ନେବାକୁ ଖଇରା ଅଞ୍ଚଳବାସୀ ବିରୋଧ କରିଥିଲେ । କିଛି ଗାଡିକୁ ଧରି ପୋଲିସ ଜିମାଦିଆଯିବା ପରେ ମାଫିଆ ମାନେ ଆଉ ହାଟରୁ ଗୋରୁ କିଣିବାକୁ ସୁରକ୍ଷିତ ମଣି ନଥିଲେ । ଏବେ ଦିନରେ କାରବାର କରିବା ପରିବର୍ତ୍ତେ ସେମାନେ ରାତିରେ ଚାଲାଣ କରୁଛନ୍ତି । ଭଦ୍ରକରୁ ମାଫିଆମାନେ ରାଣିତାଲ ଧୋବାଗଡିଆ କୋଚିଆକୋଇଲି ଗଡ ରାସ୍ତା ଦେଇ କେନାଲ ବନ୍ଧ ଏବଂ ସେହି କେନାଲ ବନ୍ଧ ଦେଇ ସାରକୋଣା,ନୁଆଗାଁ ଖୁଣ୍ଟାଡିହା,ରଙ୍ଗାମାଟିଆ,ଦରଖୋଳି ଦେଇ ମାଙ୍କଡପଡାରେ ଗୋରୁ ଗୁଡିକ ଗୋଠ ରଖୁଛନ୍ତି । ସେଠାରୁ ସେମାନଙ୍କୁ ବାରିପଦା ଏବଂ ପଶ୍ଚିମବଙ୍ଗ କଂସେଇଖାନାକୁ ପଠାଯାଉଥିବା ଅଭିଯୋଗ ହୋଇଛି । ଗୋଟିଏ ଗୋଟିଏ ପିକଅପରେ ୧୫ରୁ୧୬ଲେଖାଏଁ ଗୋରୁ ଲଦି ଅମାନୁଷିକ ଭାବେ ନିଆଯାଉଥିବା ଅଭିଯୋଗ ହୋଇଛି । ଖଇରାରେ ଗ୍ୟାରେଜ କରିଥିବା ନିର୍ଦ୍ଦିଷ୍ଟ ସଂପ୍ରଦାୟର ବ୍ୟକ୍ତି ଏହି ଚାଲାଣର ମୁଖ୍ୟ ସୂତ୍ରଧର ବୋଲି କୁହାଯାଉଛି । ଏ ସମ୍ପର୍କରେ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଗୋରୁଗାଡି ଯାଉଥିବା ସମୟରେ ଫୋନ ଆସିବା ମାତ୍ରେ ସେ ତୁରନ୍ତ ପହଞ୍ଚି ଗିରଫ କରିବେ ବୋଲି କହିଛନ୍ତି ।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ମାଗଣା ଚକ୍ଷୁ ସେବା ଶିବିର



ପାରାଦ୍ୱୀପ, ୭/୧ (ନି.ପ୍ର): ପାରାଦୀପ ଠାରେ ଜଗତସିଂହପୁର ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏବଂ ଜେ ଏସ ଡବ୍ଲୁ ଫାଉଣ୍ଡେସନ ମିଳିତ ସହାୟତା ରେ ପାରାଦୀପ ବସ ଷ୍ଟାଣ୍ଡ ଠାରେ ଭାରି ଯାନ ଚାଳକ ଙ୍କୁ ନେଇ ମାଗଣା ଚକ୍ଷୁ ସେବା ଶିବିର ଆୟୋଜନ ହୋଇଥିଲା । ଏଥିରେ ପାରାଦ୍ୱୀପ ର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ରିବନ କାଟି ଉଦ୍ଘାଟନ କରିଥିଲେ। ପାରାଦୀପ ପୌରପରିଷଦ ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଜଗତସିଂହପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚକ୍ଷୁ ଚିକିତ୍ସକ ଡଃ ଶ୍ରୀ ପ୍ରେମାନନ୍ଦ ବେହେରା , ଚକ୍ଷୁ ପରିକ୍ଷକ ତ୍ରିବାନନ୍ଦ ବାରିକ ଏବଂ ଅର୍ଦ୍ଧେନ୍ଦୁ ମଣ୍ଡଳ ଚିକିତ୍ସା କରିଥିଲେ। ଉକ୍ତ ଶିବିରରେ ୭୦ ଜଣ ଭାରି ଯାନ ଚାଳକ ଙ୍କର ଚକ୍ଷୁ ପରିକ୍ଷା କରି, ମାଗଣାରେ ଚଷମା ଯୋଗାଇ ଦିଆଯାଇଥିଲା। ଏଥିରେ ଜେ ଏସ ଡବ୍ଲୁ ଫାଉଣ୍ଡେସନ ସମସ୍ତ କର୍ମକର୍ତ୍ତା ଏବଂ ପ୍ରାଇଭେଟ୍ ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଶିବିରକୁ ଶୃଙ୍ଖଳିତ ସହ ପରିଚାଳନା କରିଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ସଡ଼କ ସୁରକ୍ଷା ସପ୍ତାହ ୨୦୨୫ ପାଳିତ




ବାରିପଦା, ୭/୧ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଚେୟାରମେନ ପ୍ରଫେସର ହେମନ୍ତ କୁମାର ସାହୁ, ଏବଂ କୁଳସଚିବ ସୁମିତା ସିଂ ଙ୍କ ମାର୍ଗଦର୍ଶନରେ ଜାତୀୟ ସେବା ଯୋଜନାର ବ୍ୟୁରୋ ଆନୁକୁଲ୍ୟରେ ଆଜି ସଡ଼କ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ବାସିନ୍ଦାଙ୍କୁ ସୁବିଧାରେ ଭାଷାରେ ବୁଝାଇବା ନିମନ୍ତେ ଓଡିଆ, ଇଂରାଜୀ, ହିନ୍ଦୀ ଏବଂ ସାନ୍ତାଳୀ ଭାଷାରେ ପ୍ଲାକାର୍ଡ୍ କରାଯାଇଥିଲା । ଏହି ଅବସରରେ ସ୍ୱେଚ୍ଛାସେବୀ ମାନଙ୍କର ଏକ ରାଲି ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ତକତପୁର ଛକ ନିକଟରେ ଶେଷ ହୋଇଥିଲା । ସ୍ୱେଚ୍ଛାସେବୀ ମାନେ ସଡକ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ସହିତ ଏହି ରାଲି ଟିକୁ ଆଗେଇ ନେଇଥିଲେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଏମସିଏମ କଲେଜ, ଶ୍ରୀମା ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ ରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ତକତପୁର ଛକ ନିକଟରେ ହେଲମେଟ ପିନ୍ଧିଥିବା ଗାଡ଼ି ଚାଳକ ମାନଙ୍କୁ ତଥା ସିଟବେଲ୍ଟ ବ୍ୟବହାର କରୁଥିବା ଗାଡି ଚାଳକ ମାନଙ୍କୁ ଚକୋଲେଟ୍ ବିତରଣ କରିବା ସହ ଯେଉଁ ଚାଳକ ମାନେ ହେଲମେଟ ପିନ୍ଧି ନ ଥିଲେ କିମ୍ବା ସିଟବେଲ୍ଟ ବ୍ୟବହାର କରି ନଥିଲେ ସେମାନଙ୍କୁ ଅଟକାଇ ସଡ଼କ ଦୁର୍ଘଟଣା ଜନିତ କ୍ଷତି ସମ୍ପର୍କରେ ବୁଝାଇଥିଲେ ଏବଂ ପରବର୍ତ୍ତୀ ସମୟରେ ହେଲମେଟ ଏବଂ ସିଟବେଲ୍ଟ ଲଗାଇ ଯାନବାହାନ ଚଳାଇବାକୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ମୋଟର ଯାନ ଯାଞ୍ଚ ନିରୀକ୍ଷକ (ଏମ.ଭି.ଆଇ) ଶାଲଖୁ ମୁର୍ମୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମସ୍ତଙ୍କୁ ଟ୍ରାଫିକ ନିୟମ, ସଂକେତ ଓ ସଡ଼କ ସୁରକ୍ଷା ବିଷୟରେ ସଚେତନତା କରିଥିଲେ । ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଯୋଗଦେଇ ସଡ଼କ ସୁରକ୍ଷା ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ ବୁଝାଇଥିଲେ ଏବଂ ପରିବାର ଲୋକ, ସାଙ୍ଗସାଥି ତଥା ସହପାଠୀ ଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା, ଏମସିଏମ କଲେଜର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସହଯୋଗୀ ସହାୟକ ଅଧିକାରୀ ଅଜୟ କୁମାର ବଳ, ଦେବେନ୍ଦ୍ର କୁମାର ପତି, ରାମଚନ୍ଦ୍ର ବାସ୍କେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ବିଷ୍ଣୁପ୍ରିୟା ହାଁସଦା ପରିଚାଳନା କରିଥିଲେ ଏବଂ ଶେଷରେ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଯମୁନା ମାଝୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସରଳ ହୃଦୟ ବିରଳ ମଣିଷ' ସ୍ମରଣିକା ଉନ୍ମୋଚିତ



ନୀଳଗିରି, ୭/୧ (ନି.ପ୍ର): ଗତ ରବିବାର ଔପଦା ବ୍ଲକ୍ ବଉଳଗଡ଼ିଆର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନଶିକ୍ଷକ ଶଚିନ୍ଦ୍ର ନାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମରଣିକା 'ସରଳ ହୃଦୟ, ବିରଳ ମଣିଷ' ଉନ୍ମୋଚିତ ହୋଇଯାଇଛି । ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟକୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରି ଶଚିନ୍ଦ୍ର ବାବୁଙ୍କ ବହୁମୂଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସମାରୋହରେ କେଶରୀପୁର ବୈକୁଣ୍ଠନାଥ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଗାନ୍ଧିକ ସୁରେନ୍ଦ୍ରନାଥ ବାରିକ୍, ଅବସରପ୍ରାପ୍ତ ଅଧ୍ୟାପକ ଡ.ଭରତ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସିଦ୍ଧେଶ୍ୱର ବିଶ୍ୱାଳ, ଯଦୁନାଥ ଉପାଧ୍ୟାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ପଟ୍ଟନାୟକ, ମଙ୍ଗଳପୁର ଶ୍ରୀନିବାସ ଡିଗ୍ରୀ କଲେଜର ଅଧକ୍ଷ ଡ. ସୁରେନ୍ଦ୍ର ବିଶ୍ୱାଳ, ରାଜନେତା ଯୋଗାନନ୍ଦ ଦାସ, ରାକେଶ ମଲ୍ଲିକ, ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶଚିନ୍ଦ୍ର ନାୟକଙ୍କ ଜୀବନ ଓ ଆଦର୍ଶକୁ ନେଇ ନିଜନିଜ ବକ୍ତବ୍ୟ ରଖିଥିଲେ। ରଘୁଶଙ୍କର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଶୀତଳ ଭଣ୍ଡାର ନ ଥିବାରୁ ରବି ଚାଷରେ କ୍ଷତି ସହୁଛନ୍ତି ଚାଷୀ



ବାଲିଆପାଳ, ୭/୧ (ନି.ପ୍ର): ବାଲିଆପାଳ ବ୍ଲକ ଅଞ୍ଚଳରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ରବି ଚାଷରେ ବର୍ଷ ବର୍ଷ ଧରି ଚାଷୀ କ୍ଷତି ସହୁଛନ୍ତି। ସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ କୌଣସି ଯୋଜନା ନାହିଁ। ଘରୋଇ ଉଦ୍ୟମରେ ଯେଉଁ ଶୀତଳ ଭଣ୍ଡାର ହେବା କଥା ତାହା ମଧ ହେଉ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓ ବଙ୍ଗୋପ ସାଗର ଉପକୂଳରେ ଶୀତ ଦିନରେ ଚିନା ବାଦାମ, ଡାଲି ଜାତୀୟ ଫସଲ, କୋବି, ବିଲାତି ବାଇଗଣ,କଲରା, କଖାରୁ, ପୋଟଳ,ଶିମ୍ବ, ଆଳୁ, ପିଆଜ, ରସୁଣ ଆଦି ପ୍ରଚୁର ପରିମାଣରେ ଚାଷ ହୁଏ। ଅମଳ ସମୟରେ ଉତ୍ପାଦିତ ଫସଲ ଗୁଡିକର ମୂଲ୍ୟ ଅତି କମ ରହୁଛି। ମାର୍କେଟିଙ୍ଗର ସେମିତି କିଛି ସୁବିଧା ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରନ୍ତି। ଶୀତଳ ଭଣ୍ଡାର ଥିଲେ ଉତ୍ପାଦିତ ଶସ୍ୟ ଓ ପନିପରିବାକୁ ଚାଷୀମାନେ ସାଇତି ଅନ୍ୟ ସମୟରେ ଅଧିକ ଦରରେ ବିକ୍ରି କରି ପାରନ୍ତେ। ଫଳରେ ଚାଷୀମାନେ ଅଧିକ ଲାଭବାନ ହୋଇ ପାରନ୍ତେ। ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ଯୋଗାଇବା ନେଇ କଟକଣା ଲାଗୁ କରୁଥିବା ବେଳେ ଏ ଅଞ୍ଚଳର ଚାଷୀ ମାନଙ୍କ ପାଇଁ ଶୀତଳ ଭଣ୍ଡାର ହୋଇ ପାରିଲେ ସମସ୍ୟା ଅନେକାଂଶ ସମାଧାନ ହୋଇ ପାରନ୍ତା।

## ସପ୍ତାହ ବ୍ୟାପି ନିଶା ନିବାରଣ ସଚେତନତା

ଭଦ୍ରକ, ୭/୧ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଏବଂ ନିୟୁ ଲାଇଫ୍ ନିଶା ନିବାରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସପ୍ତାହ ବ୍ୟାପି ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଉଦ୍ଘାଟିନ କାର୍ଯ୍ୟକ୍ରମଟି ନିୟୁ ଲାଇଫ୍ ନିଶା ନିବାରଣ କେନ୍ଦ୍ର ପରିସରରେ କରାଯାଇଥିଲା। ଗାଜିପୁର ସ୍କୁଲ ଏବଂ ସାଲନ୍ଦୀ ମହାବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପୃଥକ ଭାବରେ ଏହି ସଚେତନତା କାର୍ଯ୍ୟକ୍ରମରେ ଦୁଇଗୋଟି ରାଲି କରାଯାଇଥିଲା। ଏହାଛଡା ଘରକୁ ଘର ବୁଲି ନିୟୁ ଲାଇଫ୍ର ସ୍ୱଚ୍ଛାସେବୀମାନେ ଜନସାଧାରଣଙ୍କୁ ନିଶା ସମ୍ବନ୍ଧୀୟ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମଟି ଭଦ୍ରକ ଶାଖା ପରିଚାଳକ ପଙ୍କଜ କୁମାର ସାହୁଙ୍କ ନେତୃତ୍ୱରେ କରାଯାଇଥିଲା।

## ଲିଙ୍ଗରାଜ ମନ୍ଦିରରେ ପ୍ରବାସୀଙ୍କୁ ସ୍ୱାଗତ କରିବେ ସେବା ପ୍ରତିନିଧି

ଭୁବନେଶ୍ୱର, ୭/୧ (ନି.ପ୍ର): ପ୍ରବାସୀ ଭାରତୀୟଙ୍କୁ ଲିଙ୍ଗରାଜ ମନ୍ଦିରରେ ସ୍ୱାଗତ କରିବେ ସେବା ପ୍ରତିନିଧି । ୧୮ ତମ ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଦେଶରୁ ଆସୁଥିବା ଅତିଥି ମାନଙ୍କୁ ସ୍ୱାଗତ କରିବାକୁ ସେବା ପ୍ରତିନିଧି ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିବା ସେବା ପ୍ରତିନିଧି ମୁଖ୍ୟ ନୀଳମଣି ମିଶ୍ର ସୂଚନା ଦେଇଛନ୍ତି ।

## ହଳଦୀପଦା ବ୍ୟାସକବି ଅନୁଷ୍ଠାନର ପ୍ରସ୍ତୁତି ବୈଠକ

ବସ୍ତା, ୭/୧ (ନି.ପ୍ର): ହଳଦୀପଦା ସାଂସ୍କୃତିକ ଅନୁଷ୍ଠାନ ର ୩୧ତମ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ତିନିଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ଆସନ୍ତା୧୧।୧ରେବିଶାଳ ରକ୍ତଦାନ ଶିବିର ଦ୍ୱିତୀୟ ୧୨।୧ରେ ଶିଶୁ ଓ ଅଭିଭାବକ ମାନଙ୍କୁ ନେଇ କର୍ମଶାଳା ୧୪।୧ରେ ସ୍କୁଲ ପିଲା ମାନଙ୍କ ଦ୍ୱାରା ଭାଷଣ.ନୃତ୍ୟ.ଏକକ ଅଭିନୟ.ଏବଂ ସଙ୍ଗୀତ ପ୍ରତିଯୋଗିତା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମାଜସେବୀ ସୁ ସଂଗଠକ ଭଗବାନ ମହାପାତ୍ର ଙ୍କୁ ମାନପତ୍ର ପ୍ରଦାନ କରାଯିବ । ଅତିଥି ଭାବେ ବାଲେଶ୍ୱର ତହସିଲଦାର ଅଶ୍ୱନୀକୁମାର ନାୟକ. ସରକାରୀଦଳ ମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ.ସଦର ବିଡିଓ ସମରଜିତ୍ କର. ବିଧାୟକ ମାନସ ଦତ୍ତ.ଶୈଳବାଳାମହାବିଦ୍ୟାଳୟର ଅଧ୍ୟାପିକା ଡ ଆରାଧନା ନାୟକ.ଡା କୁମାରଚନ୍ଦ୍ର ମିଶ୍ର.ଡାମାନସ କୁମାର ନାୟକ .ଡ ଶରତଚନ୍ଦ୍ର ମିଶ୍ର.ଭାସ୍କରଚନ୍ଦ୍ରଜେନା. ଡକ୍ଟର ତପନ କୁମାର ବେହେରା.ଝଙ୍କଡରତ୍ନ ଗୋଲକ ବିହାରୀ ପଲେଇ ଯୋଗ ଦାନ କରିବେ ବୋଲି ଅନୁଷ୍ଠାନର ସଭାପତି ମହେନ୍ଦ୍ର ସାହୁ ଓ ସମ୍ପାଦକ ଅନିଲକୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି ।

## ନୀଳମଣି କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରୂପସା , ୭/୧ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରି ଛାତ୍ରୀ ଆତ୍ମରକ୍ଷା କୌଶଳ ମହିଳାଙ୍କ ସୁରକ୍ଷା ଓ ନିର୍ଯାତନାମୁକ୍ତ ସମାଜ ଗଠନ ଦିଗରେ ସହାୟକ ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସରୋଜ କୁମାର ପାଣି ଓ ସମ୍ମାନିତ ଅତିଥି ଡ. ଆରୁଣୀ ମିଶ୍ର ଯୋଗଦେଇ ଆତ୍ମରକ୍ଷା କୌଶଳ ହିଁ ମହିଳାଙ୍କ ସୁରକ୍ଷା ଦିଗରେ ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ମାଷ୍ଟର ଟ୍ରେନର ଅନିତା ସାହୁ, ଗୀତୁଶ୍ରୀ ରାଉତ ଓ ଅନାମିକା ପ୍ରଧାନ ଶିବିରରେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦେଇଥିଲେ । ଉପଦେଷ୍ଟା ଅଧ୍ୟାପିକା ଦେବସ୍ମିତା ଭୂୟାଁ ୮ଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ଉପଦେଷ୍ଟା ଅଧ୍ୟାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ




ବସ୍ତା୭।୧(ନିପ୍ର)ବସ୍ତା ବ୍ଲକ ବାରମାଡିଆ ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ଆଜି ପାଳିତ ହୋଇଯାଇଅଛି । ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ତତ୍ୱାବଧାନରେ ଏକରାଲିରେ ବସ୍ତା ବଜାର ପରିକ୍ରମା କରିବା ସହିତ ସଚେତନତା ହରିବା ଓ ଯାତାୟତରେ ସାବଧାନତାଉପରେ ସ୍ଲୋଗାନ ଦେଇ ସଚେତନ ତାର ବାର୍ତ୍ତା ଦେଇଥିଲେ । ପରିଚାଳନାକମିଟିର ରାମଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରଦୀପ ପରିଡା ସାମ୍ବାଦିକ ସୁଶାନ୍ତ ପ୍ରଧାନ, ଜନଜିବନ ପ୍ରଧାନ, ଗୁରୁମା ପୁଷ୍ପଲତା ପଟନାୟକ, ମମିତା ପ୍ରଧାନ, ସୁଶାନ୍ତୀ ବେହେରା, ଅଞ୍ଜନ ସାହୁ, ସରୋଜ ପାତ୍ର ପ୍ରଶାନ୍ତକୁମାରଗିରି ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତଥିଲେ।

## ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ସ୍ୱଚ୍ଛତା ଅଭିଯାନ

ବାଲିଆପାଳ, ୭/୧ (ନି.ପ୍ର): ବାଲିଆପାଳ ସିଏଚସି ଏବଂ ପ୍ରତାପପୁର ସିଏଚସି ରେ ମଙ୍ଗଳବାର ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏବଂ ସୁବର୍ଣ୍ଣରେଖା ପୋର୍ଟ ର ଆଡର୍ମିନ ହେଡ୍ ବିରଜା ଶଙ୍କର ଦାସ ,ବିବେକ ସୁକଲା,ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ବାଲିଆପାଳ ସିଏଚସି ତରଫରୁ ରମାନାଥ କର ଏବଂ ପ୍ରତାପପୁର ସିଏଚସି ତରଫରୁ ଚନ୍ଦନ ଦାସ, ଜନ୍ମେଜୟ ରାଉତ ପ୍ରମୁଖ ଯୋଗ ଦେଇ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହିଭଳି ଜନକଲ୍ୟାଣ କାର୍ଯ୍ୟକୁ ଅଂଚଳବାସୀ ପ୍ରଶଂସା କରିବା ସହ ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପାତ୍ର କହିଛନ୍ତି ।




## ପୁରାତନ ଛାତ୍ର ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ

ଖଇରା, ୭/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ହୀରକ ଜୟନ୍ତୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବା ବେଳେ ରବିବାର ଦିନ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ପରିଷଦର କାର୍ଯ୍ୟାଳୟ ଖୋଲାଯାଇଛି । ଛାତ୍ର ପରିଷଦର ମୁଖ୍ୟ ଉପଦେଷ୍ଟା ଡ ମଦନମୋହନ ମହଲା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଛାତ୍ର ସଂସଦର ସଭାପତି ଅରୁଣ କୁମାର ପାଢୀ,ସମ୍ପାଦକ ଅଭୟ ମହାନ୍ତି,ଉପସଭାପତି ଅଭିମନ୍ୟୁ ରାଉଳ ଓ ଇଂ ରାଜେଶ କୁମାର ମହାକୁଡ,ସହସମ୍ପାଦକ ମାନସ ରଞ୍ଜନ ରାଉଳ,କୋଷାଧକ୍ଷ ମଧୁସୂଦନ ଜେନା,ସଭ୍ୟ ପ୍ରଭାସ କୁମାର ପତି,ବିଶ୍ୱଭୂଷଣ ପ୍ରଧାନ,ମନୋଜ ପତି,ଦିନେଶ ଜେନା,ଉର୍ମିଳା ରାଉଳ,ପଦ୍ମଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜୟନ୍ତୀକୁ ଅଧୀକ ରୁଚିମନ୍ତ ଓ ଆକର୍ଷଣୀୟ କରିବାକୁ ଅଭ୍ୟର୍ଥନା କମିଟି,ସାଂସ୍କୃତିକ କମିଟି ଓ ଆର୍ଥୀକ ପରିଚାଳନା କମିଟି ଗଠନ ଓ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଗଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida